

ଆଜି ମହିଳା ଦିବସ

# ମହିଳା ସୁରକ୍ଷା ନେଇ ହଜାରେ ପ୍ରଶ୍ନ

ଭୁବନେଶ୍ୱର, ୭।୩(ସମିସ): ରାତି ପାହିଲେ ଅନ୍ତର୍ଜାତୀୟ ମହିଳା ଦିବସ। ସରକାରଙ୍କ ପକ୍ଷରୁ ମହିଳାଙ୍କ ପାଇଁ କଲ୍ୟାଣ ଯୋଜନା ସାଙ୍ଗକୁ ସୁରକ୍ଷା ପ୍ରତି ଭାଷଣ ଶୁଣିବାକୁ ମିଳିବ। କିନ୍ତୁ ବାସ୍ତବ।।ରେ ଆଜିର ମହିଳା କେତେ ସୁରକ୍ଷିତରେହାକୁ ନେଇ ଉଠୁଛି ମାଳ ମାଳ ପ୍ରଶ୍ନ। ନିକଟ ଅତୀତରେ ମହିଳାଙ୍କ ସୁରକ୍ଷାକୁ ଅନୁଧ୍ୟାନ କଲେ ଓଡ଼ିଶାରେ ଯେ, ମହିଳା ସୁରକ୍ଷିତ ନୁହନ୍ତି, ତାହା କାହାକୁ ଅଛପା ନାହିଁ।

ଗତ ୨୮ ତାରିଖରେ ପାରାଦୀପର ଦୁଇଦୁଇଟି ହୃଦୟ ବିଦାରକ ଘଟଣା ମହିଳାଙ୍କ ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ତାରିଣିଗଡାରେ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଘଟଣା ମନରୁ ଲିଭି ନଥିବା ବେଳେ ଏହି ଅଞ୍ଚଳରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ପାରାଦୀପରେ ଜଣେ ୭ ବର୍ଷ ବୟସର ଶିଶୁକନ୍ୟାକୁ ଥଣ୍ଡା ପାନୀୟରେ ମଦ ମିଶାଇ ଚିକେନ ଦୋକାନ ଭିତରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତକୁ ବାନ୍ଧି ନିସ୍ତୁକ ମାଡ ମାରିବା ସହ ପୁଲିସ ଜିମା ଦେଇଛନ୍ତି। ଅଭିଯୁକ୍ତକୁ ପୁଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ନିକଟରେ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ବ୍ଲକ ଅନ୍ତର୍ଗତ ଝିରପାଣି ଗ୍ରାମରେ ବିଧବା ମହିଳାଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ହତ୍ୟା କରିଥିଲେ। ପାଲଲହଡ଼ା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ଶିକ୍ଷକ ୩ ବର୍ଷ ଧରି ଦୁଷ୍କର୍ମ କରିଥିବା ଜଣାପଡ଼ିଥିଲା। କେବଳ ପାଲଲହଡ଼ା ନୁହେଁ କନ୍ଧମାଳ ଜିଲ୍ଲାରେ ମଧ୍ୟ ସମାନ ଅଭିଯୋଗ ଆସିଥିଲା। କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ବିଜ୍ଞାନ ମେଳା ବୁଲେଇ ନେଇ ଦୁଷ୍କର୍ମ କରିଥିବା ଶିକ୍ଷକଙ୍କୁ ଶେଷରେ ପୁଲିସ ବାନ୍ଧିଛି। ଭୁବନେଶ୍ୱର -କଟକରେ ମଧ୍ୟ ଆଉ ମହିଳା ସୁରକ୍ଷିତ ନାହାନ୍ତି। ଗତ ସପ୍ତାହରେ କଟକରେ ଏକ ଘରୋଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ଦୁଇ ଭଉଣୀଙ୍କୁ ବସ୍ ଭିତରେ ବାରମ୍ବାର ଯୌନ ଶୋଷଣ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ସେହିଭଳି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ୧୫ ବର୍ଷ ବୟସର ନାବାଳିକା ଚାରିମାସର ଅନ୍ତସତ୍ତ୍ୱା ହେଇଥିବା ସୋମବାର ବାଙ୍ଗିରିପୋଷି ଥାନାରେ ଅଭିଯୋଗ କଲା ପରେ ପୁଲିସ ତତ୍ପରତା ଦେଖାଇଛି। ପୂରା ଅପରାଧର ପୃଷ୍ଠାକୁ ଦେଖିଲେ ଗତ କିଛିମାସ ହେଲା ରାଜ୍ୟରେ ମହିଳାମାନେ ଯେ, ଆଦୌ ସୁରକ୍ଷିତ ନୁହନ୍ତି ତାହା ସ୍ପଷ୍ଟ ହୋଇଛି।



- ମହିଳାଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ବଢୁଛି
- ନର ରାକ୍ଷସଙ୍କ କବଳରୁ ବର୍ତ୍ତିପାରୁ ନାହାନ୍ତି ନାବାଳିକା ଛାତ୍ରୀ

ଓଡ଼ିଶା ରାଜ୍ୟ ମହିଳା କମିସନ ଦ୍ୱାରା ପ୍ରକାଶିତ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ମଧ୍ୟରେ ଭୁବନେଶ୍ୱରରେ ମହିଳା ବିରୋଧୀ ଅପରାଧ ସର୍ବାଧିକ ହୋଇଛି। କମିସନର ୩୩ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷରେ ରାଜ୍ୟ ସାରା ମୋଟ ୨୦୬୪ ଟି ମାମଲା ପଞ୍ଜିକୃତ ହୋଇଥିଲା, ଯାହା ମଧ୍ୟରୁ କମିଶନ ଦ୍ୱାରା ୧୮୭୯ ଟି ମାମଲା ସମାଧାନ କରାଯାଇଛି।

ଘରୋଇ ହିଂସା ସର୍ବାଧିକ ରିପୋର୍ଟ ହୋଇଥିବା ଅପରାଧ ଭାବରେ ଉଭା ହୋଇଛି, ଯାହା ୮୫୨ ଟି ମାମଲା, ଯୌତୁକ ସମ୍ବନ୍ଧୀୟ ନିର୍ଯାତନା ଏବଂ ପରିତ୍ୟକ୍ତତା ୬୭୫ ଟି ମାମଲା ସହିତ ରହିଛି। ଅନ୍ୟାନ୍ୟ ବର୍ଗରେ ମହିଳା ଅଧିକାର ଉଲ୍ଲଂଘନ (୧୮୨), ଅଶାଳୀନ ଆଚରଣ (୧୩୭), ବଳାତ୍କାର (୨୪), ପ୍ରତାରଣା (୩୦), ଯୌତୁକ ମୃତ୍ୟୁ (୧୨) ଏବଂ ସନ୍ଦେହଜନକ ମୃତ୍ୟୁ (୧୪) ଅନ୍ତର୍ଭୁକ୍ତ।

ଭୁବନେଶ୍ୱର ପରେ, କଟକ (୨୧୪), ଖୋର୍ଦ୍ଧା (୨୧୦), ପୁରୀ (୧୮୧), ଗଞ୍ଜାମ (୧୨୦), ଭଦ୍ରକ (୧୧୩) ଏବଂ ଯାଜପୁର (୧୦୩)ରେ ସର୍ବାଧିକ ମାମଲା ରେକର୍ଡ ହୋଇଛି, ଯାହା ସହରାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ମହିଳା ସୁରକ୍ଷା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ନୂତନ ଚିନ୍ତା ସୃଷ୍ଟି କରିଛି।

ପୁଲିସ ବ୍ୟବସ୍ଥା ପ୍ରତି ଅସାମାଜିକ ବ୍ୟକ୍ତିମାନେ ଆଦୌ ଭ୍ରୂକ୍ଷେପ କରୁ ନ ଥିବାବେଳେ ସାଧାରଣ ଲୋକେ ପୁଲିସକୁ ଭରସା କରିପାରୁ ନାହାନ୍ତି। ସବୁଠାରୁ ବଡ଼କଥା ହେଉଛି ଏବେ ରାଜ୍ୟରେ ଯେତିକି ମହିଳା ବିରୋଧୀ ହିଂସାମାନ ଘଟୁଛି ସେଥିରେ ଅଧିକାଂଶ ନାବାଳିକା ଏବଂ ସ୍କୁଲ ଛାତ୍ରୀମାନେ ଶୀକାର ହେଉଛନ୍ତି।

● ତାତି ପାଇଁ ବିଏମ୍‌ସିର ପ୍ରସ୍ତୁତି

## ରୁପାଲି ଓ ପାୱାର ହାଉସ୍ ଛକରେ ହେବ ୪ କୋଟିର ସ୍ଥାୟୀ ସେଡ୍

ଭୁବନେଶ୍ୱର, ୭।୩(ସମିସ): ଚଳିତବର୍ଷ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର୍ ଚଞ୍ଚଳ ରାଣା, ଅତିରିକ୍ତ କମିସନର୍ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ତାତିରୁ ରକ୍ଷା ପାଇଁ ଅସ୍ଥାୟୀ ଶେଡ୍ ବଦଳରେ ସ୍ଥାୟୀ ସେଡ୍ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ରୁପାଲି ଓ ପାୱାର ହାଉସ ଛକରେ ୪ କୋଟି ଟଙ୍କା ବ୍ୟୟରେ ସ୍ଥାୟୀ ସେଡ୍ କରାଯିବ ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି। ମେୟର କହିଥିଲେ, ୱାଟ୍‌କୋ ସହ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଆଜିର ବୈଠକରେ ଉପସ୍ଥିତ ଥିଲେ। ଚଳିତବର୍ଷ ସବୁ ୱାର୍ଡରେ ଜଳଛତ୍ର ଖୋଲିବାକୁ ନିଷ୍ପତ୍ତି ହୋଇଛି। ବିଏମ୍‌ସି ଡାକ୍ତରଖାନାରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ କରିବାକୁ କୁହାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଦ୍ୟାଳୟ, ଅଙ୍ଗନବାୱାଡିରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ ମହଜୁଦ ରଖିବାକୁ କୁହାଯାଇଛି। ଅଚଳ ପଙ୍ଖାଗୁଡ଼ିକ ସଚଳ କୁହାଯାଇଛି। ଏହାର ସ୍ଥିତି ଅନୁଧ୍ୟାନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଅଚଳ ଟ୍ୟୁବୱେଲ୍‌କୁ ୭ ଦିନ ଭିତରେ ସଜାଡ଼ିବାକୁ ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟ ଜଳ ପ୍ରକଳ୍ପ ମରାମତି କରିବାକୁ କୁହାଯାଇଛି। ୱାର୍ଡ ଅଫିସ ଓ ଅନ୍ୟାନ୍ୟ ସ୍ଥାନରେ ବିଏମ୍‌ସି, ପଙ୍ଖା, ପାନୀୟ ଜଳର ବ୍ୟବସ୍ଥା କରିବାକୁ କୁହାଯାଇଛି।

## ଆମ ବସ୍‌କୁ ପିଟିଲା କାର୍




ଭୁବନେଶ୍ୱର, ୭।୩(ସମିସ): ଶନିବାର ରାମ ମନ୍ଦିର ଛକରେ ଆମବସ୍ ସହିତ କାର ଦୁର୍ଘଟଣା ଘଟିଛି। ଫଳରେ କିଛି ସମୟ ପାଇଁ ଏହି ସ୍ଥାନରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଟ୍ରାଫିକ୍‌ରେ କାର୍ଯ୍ୟରତ ଥିବା ପୁଲିସ କର୍ମଚାରୀ ଲୋକଙ୍କୁ ବୁଝାସୁଝା କରାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏନେଇ ସ୍ଥାନୀୟ କିଛି ଲୋକ କୁହନ୍ତି ଯଦି କାର ମାଲିକ ବସ୍ ଠାରୁ କିଛି ଦୂରତା ରକ୍ଷା କରି ଗାଡ଼ି ଚଲାଇବା କଥା। ହେଲେ ସେ ବସ୍ ପାଖାପାଖି ଗାଡ଼ି ଚଲାଉଥିଲେ ଯେଉଁଥିପାଇଁ ଏହି ଦୁର୍ଘଟଣା ଘଟିଲା। ଏହିପରି କାର ମାଲିକ କହିଛନ୍ତି କି ବସ୍‌ଟି ଅଚାନକ ବ୍ରେକ୍ ମାରିବାରୁ ତାଙ୍କ କାର ସହିତ ଧକ୍କା ହେଲା ବୋଲି ସେ ଅଭିଯୋଗ କରିଛନ୍ତି।

● ଫ୍ୟାନ୍‌ରେ ଝୁଲି ଜେଲ୍ ୱାର୍ଡରଙ୍କ ଆତ୍ମହତ୍ୟା ମାମଲା

## ହତ୍ୟା ଅଭିଯୋଗ କରି ଓହରିଲେ ପୁତୁରା



ଭୁବନେଶ୍ୱର, ୭।୩(ସମିସ): ଜେଲ ୱାର୍ଡର ସାରଥୀ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଖୁଡିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ସାରଥୀଙ୍କ ପୁରୁରା। ୱାଟ୍‌ସ୍ ଆପ୍ ଗ୍ରୁପରେ ଭାଇରାଲ ହେଉଥିବା ଏକ ଚ୍ୟାଟ୍‌କୁ ଆଧାର କରି ପୁତୁରା ଏଭଳି ଅଭିଯୋଗ ଆଣିଥିଲେ। ଯେଉଁଥିଲେ ଉଲ୍ଲେଖ ରହିଥିଲା ସାରଥୀଙ୍କୁ ତାଙ୍କ ସ୍ତ୍ରୀ ବିଷ ଦେଇ ମାରି ଦେବାକୁ ଉଦ୍ୟମ କରୁଛନ୍ତି। ହେଲେ କ୍ୟାପିଟାଲ ହସ୍ପିଟାଲରେ ଦାଦାଙ୍କ ଶବ ଦେଖିବା ଏବଂ ବ୍ୟବଚ୍ଛେଦ ପରେ ପୁତୁରାଙ୍କ ମନ ବଦଳି ଯାଇଥିଲା। ଏଣୁ ସେ ତାଙ୍କ ଅଭିଯୋଗକୁ ଫେରାଇ ନେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୁଲିସ ତଦନ୍ତ ଆଧାରରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୁଲିସକୁ ଅନୁରୋଧ କରିଛନ୍ତି। ଯାହାଫଳରେ ଆତ୍ମହତ୍ୟାକୁ ନୁହେଁ ହତ୍ୟା ବୋଲି ଯେଉଁ ଚର୍ଚ୍ଚା ଲାଗି ରହିଥିଲା ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଥମି ଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ହିଁ ଜେଲର ମୃତ୍ୟୁ ମାମଲାର ରହସ୍ୟ ଖୋଲିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସାରଥୀ ନୟାଗଡ଼ ସବ୍ ଜେଲରେ ଜେଲ ୱାର୍ଡର ଭାବେ କାର୍ଯ୍ୟରତ ଥିଲା ବେଳେ ପରିବାର ସହ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜେଲ୍ କ୍ୱାଟର୍ସରେ ରହୁଥିଲେ। ସେ ତିନିଦିନ ହେବ ଛୁଟିରେ ଘରକୁ ଆସିଥିଲେ। ଜେଲ କ୍ୱାର୍ଟର୍ସରେ ତାଙ୍କ ପତ୍ନୀ, ପୁଅ, ଝିଅ ଏବଂ ଝିଆରି ରହୁଥିଲେ। ଗୁରୁବାର ରାତି ସମୟରେ ସେମାନେ ଶୋଇଥିଲେ। ସକାଳୁ ଘରେ ଅନ୍ୟ ଏକ ରୁମ୍‌ରେ ଧୋତି ସାହାର୍ଯ୍ୟରେ ଫାଶି ଲଗାଇ ଦେଇଥିଲେ।

ଏହାପରେ ନୟାଗଡ଼ ଜେଲ ବିଭାଗର ଏକ ୱାର୍ଟସପ୍ ଗ୍ରୁପ୍‌ରେ ଚାର୍ଟ ଭାଇରାଲ ହେବାରେ ଲାଗିଥିଲା। ଯେଉଁଥିରେ ସାରଥୀ ଲେଖିଥିଲେ ତାଙ୍କ ସ୍ତ୍ରୀ ତାଙ୍କୁ ବିଷ ଦେଇ ମାରିଦେବାକୁ ଉଦ୍ୟମ କରୁଛନ୍ତି। ଏହାପରେ ସାରଥୀଙ୍କ ସ୍ତ୍ରୀଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତାଙ୍କ ପୁତୁରା ଗାଁରୁ ଆସିବା ପରେ ଖୁଡିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ଏଣୁ ଏହି ମାମଲା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଚର୍ଚ୍ଚା ହେଉଥିଲା। ହେଲେ ପରବର୍ତ୍ତି ସମୟରେ ସେ ନିଜ ଅଭିଯୋଗରୁ ଓହରି ଯାଇଥିଲେ।

## ଅଳିଆ ପକାଇବାକୁ କେନ୍ଦ୍ର କରି ରକ୍ତପାତ

### ଦୁଇଟି ମାମଲାରେ ଦୁଇ ଗିରଫ



ଭୁବନେଶ୍ୱର, ୭।୩ (ସମିସ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ କଲ୍ୟାଣୀ ବିହାର ଫେଜ୍୨ ଅଞ୍ଚଳରେ ଦୁଇ ପଡୋଶୀଙ୍କ ମଧ୍ୟରେ ଅଳିଆ ପକାଇବାକୁ କେନ୍ଦ୍ର କରି ତୁମୁଳ ସଂଗ୍ରାମ। ପରସ୍ପରକୁ ଲୁହା ପାଇପ୍ ଓ ରଡ୍‌ରେ ଆକ୍ରମଣ କରି ଲହୁ ଲୁହାଣ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଏୟାରଫିଲ୍ଡ ଥାନା ପୁଲିସ ଦୁଇଟି ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତପନ କୁମାର ରାୟ ଏବଂ ପ୍ରେମାଂଶୁ ରଞ୍ଜନ ଗଜେନ୍ଦ୍ର।

ପୁଲିସ ସୂଚନା ମୁତାବକ, ବାସିନ୍ଦାମାନଙ୍କ ମଧ୍ୟରେ ହୋଇଥିବା ଝଗଡ଼ା ସମ୍ପର୍କରେ ଉଭୟ ପକ୍ଷଙ୍କ ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟ୍‌ର ଆଧାରରେ ଏୟାରଫିଲ୍ଡ ଥାନାରେ ଦୁଇଟି ପାଲଟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୋଗକାରୀ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ତାଙ୍କ ଘରେ ଥିବା ସମୟରେ ଅଭିଯୁକ୍ତ ତାପସ କୁମାର ରାୟ ଉର୍ଫ ତପୁ ସେଠାକୁ ଆସି ତାଙ୍କ ଘର ସାମ୍ନାରେ ଅଳିଆ ପକାଇଥିଲେ। ଏହାକୁ ବିରୋଧ କରିବାରୁ ତାପସ ରାଗିଯାଇ ଅଭିଯୋଗକାରୀଙ୍କୁ ଏକ ଲୁହା ରଡ୍ ଦ୍ୱାରା ମୁଣ୍ଡ ଏବଂ ହାତରେ ଆକ୍ରମଣ କରିଥିଲେ। ଏହା ପରେ ସେହି ଦିନ ରାତି ପ୍ରାୟ ୧୦.୨୦ ସମୟରେ ଅଭିଯୁକ୍ତ ପ୍ରେମାଂଶୁ ରଞ୍ଜନ ଗଜେନ୍ଦ୍ର ଉର୍ଫ ରିଙ୍କୁ ତାପସ କୁମାର ରାୟ ଉର୍ଫ ତପୁଙ୍କ ଘର ସାମ୍ନାରେ ଯାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଧମକ ଦେଇଥିଲେ। ଗୋଟିଏ ଲୁହା ପାଇପ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ଯାହା ତାଙ୍କ ମୁଣ୍ଡରେ ଆଘାତ କରିଥିଲା। ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା ଗୋଟିଏ ଲୁହା ରଡ୍ ଏବଂ ଗୋଟିଏ ଲୁହା ପାଇପ୍ ଜବତ କରାଯାଇଥିଲା।

ଅପରେସନ୍ ସାଇବର୍ କବଚ

## ୩୧ ହଜାର ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

**୩୨୮ ଗିରଫ**

ଭୁବନେଶ୍ୱର, ୭।୩(ସମିସ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକ ମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୧, ୪୯୮ ଟି ମ୍ୟୁଲ/ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୧୦୯୦ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ସାଇବର ମାମଲା, ଏଟିଏମ୍ ଉଠାଣ ସମ୍ପର୍କିତ ୩୪ଟି, ଚେକ୍ ଉଠାଣ ସମ୍ପର୍କିତ ୩୫ଟି ଏବଂ ୨୩ଟି ନକଲି ସିମ୍/ପିଓଏସ୍ ଯାଞ୍ଚ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୩୨୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ, ନୂଆ ଓ ପୁରୁଣା ୧୮୩ଟି ଏଫ୍ଆଇଆର୍ ସହ ସମ୍ପୃକ୍ତ ୬୫୩୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ବିଶେଷ ଅଭିଯାନରେ ପୁରୀ ଜିଲ୍ଲା ପୁଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ଜିଲ୍ଲା ପୁଲିସ ୨୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପୃକ୍ତ ୩ଟି ଏବଂ ଚେକ୍ ଟଙ୍କା ଉଠାଣ ସମ୍ପୃକ୍ତ ୧ଟି ମାମଲା ରୁଜୁ କରି ୩ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଭୁବନେଶ୍ୱର (ୟୁପିଡ଼ି) ପୁଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୪ ଜଣଙ୍କୁ ନୋଟିସ୍ ଜାରି କରିଛି। କଟକ (ୟୁପିଡ଼ି) ପୁଲିସ ଚେକ୍ ଟଙ୍କା ଉଠାଣ ସମ୍ପୃକ୍ତ ୧ଟି ମାମଲା ରୁଜୁ କରିଛି। ସେହିପରି ନୟାଗଡ଼ ଜିଲ୍ଲା ପୁଲିସ ୮୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବଲାଙ୍ଗିର ଜିଲ୍ଲା ପୁଲିସ ୬ଟି, ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ୮୦ଟି, ବାଲେଶ୍ୱର ଜିଲ୍ଲା ପୁଲିସ ୩୩ଟି ଏବଂ ଭଦ୍ରକ ଜିଲ୍ଲା ପୁଲିସ ୨୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ମୟୂରଭଞ୍ଜ ଜିଲ୍ଲା ପୁଲିସ ୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୮ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବ୍ରହ୍ମପୁର ଜିଲ୍ଲା ପୁଲିସ ୮୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ପୁରୁଣା ଏଫ୍.ଆଇ.ଆର୍ ସମ୍ପୃକ୍ତ ୮୦ ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୁଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ ଜଣଙ୍କୁ ନୋଟିସ୍ ଜାରି କରିଛି। ଗଞ୍ଜାମ ଜିଲ୍ଲା ପୋଲିସ ୧୧ଟି, କଳାହାଣ୍ଡି ଜିଲ୍ଲା ପୁଲିସ ୧୨୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। କୋରାପୁଟ ଜିଲ୍ଲା ପୁଲିସ ୨୩ଟି, ମାଲକାନଗିରି ଜିଲ୍ଲା ପୁଲିସ ୬ଟି ଏବଂ ନୂଆପଡ଼ା ଜିଲ୍ଲା ପୁଲିସ ୧୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

ଯେମିତି ବି ହେଉ ଯିବାର ଅଛି...



(ଫଟୋ: ସକାଳ)

## ମିସ୍ତ୍ରିଙ୍କୁ କାଠ ଫାଳିଆରେ ଆକ୍ରମଣ; ଶ୍ରମିକ ଗିରଫ

ଭୁବନେଶ୍ୱର, ୭।୩ (ସମିସ): ମିସ୍ତ୍ରିଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଶ୍ରମିକକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରବାରି ବସ୍ତିରେ ରହୁଥିବା ଗଞ୍ଜାମ ଜିଲ୍ଲା ତାରସିଂ ଥାନା ବାଙ୍କତଳ ଗାଁର ସନିଆ ନାୟକ (୨୩)।

ପୁଲିସ ସୂଚନାନୁଯାୟୀ, ବରବାରି ବସ୍ତିର ରଙ୍ଗମିସ୍ତ୍ରି ରବି ନାୟକ ସ୍ଥାନୀୟ ଅଞ୍ଚଳର ସନିଆକୁ ସାଙ୍ଗରେ ନେଇ କାମ କରିବାକୁ ଯାଆନ୍ତି। ରବି ଗତମାସ ୨୮ ତାରିଖ ଦିନ ଶନିଆକୁ କାମକୁ ଡାକିଥିଲେ ମଧ୍ୟ ସେ ମନା କରି ଦେଇଥିଲା। ଫଳରେ ସେ ଜଣେ ଠିକାଦାରଙ୍କ ମାଧ୍ୟମରେ ଅନ୍ୟ ଜଣେ ଶ୍ରମିକଙ୍କୁ ନେଇ କାମକୁ ଯାଇଥିଲେ। ସେହିଦିନ ସନ୍ଧ୍ୟାରେ ରବି କାମରୁ ଫେରି ତାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ସନିଆ ସେଠାକୁ ଆସି କାହିଁକି ଅନ୍ୟ ଶ୍ରମିକଙ୍କୁ ନେଇ କାମ କରିଲ ବୋଲି ପଚାରିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସନିଆ ଉତକ୍ଷିପ୍ତ ହୋଇ ରବିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆକ୍ରମଣ ପରେ ସନିଆ ଭୟଙ୍କର ପରିଣାମର ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ରବି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେବାପରେ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ପୁଲିସ ଶନିବାର ରମାମଣି ପେଟ୍ରୋଲ ପମ୍ପ ପଛପଟରୁ ସନିଆକୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କାଠ ଫାଳିଆ ଜବତ କରିଥିଲା।




ପ୍ରମାଣ ନ ଥିବା ଦର୍ଶାଇ ମାମଲା ବନ୍ଦ

## ଆନ୍ଦୋଳନକାରୀଙ୍କୁ ଚାପୁଡ଼ା; ମଦ ବେପାରୀଙ୍କୁ ଅନୁକମ୍ପା

ଭୁବନେଶ୍ୱର, ୭।୩ (ସମିସ): ମାମଲା ରୁଜୁଠାରୁ ଆରମ୍ଭ କରି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ଡିଜିପି ଗୁରୁତ୍ୱ ଦେଉଛନ୍ତି। ପଡ଼ି ରହିଥିବା ପୁରୁଣା ଓ ନୂଆ ମାମଲାର ତଦନ୍ତ ସାରି ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଡିସିପି ଉଦ୍ୟମ ଚଳାଇଛନ୍ତି। ହେଲେ ଏହାରି ଭିତରେ ମଦ ବେପାରୀଙ୍କୁ ଅନୁକମ୍ପା ଦେଖାଇଛି ପୁଲିସ। ଲୋକମାନେ ବିପୁଳ ମଦ ସହ ଦୁଇ ଅଭିଯୁକ୍ତ ନାମରେ ଅଭିଯୋଗ କରିଥିଲେ ମଧ୍ୟ ଚାର୍ଜସିଟ୍ ବଦଳରେ ପର୍ଯ୍ୟାପ୍ତ ପ୍ରମାଣ ନଥିବା ଦର୍ଶାଇ ମାମଲା ବନ୍ଦ କରିଛି। ବାଲିପାଟଣା ଥାନାର ଏଭଳି ତଦନ୍ତ ପୁଲିସ ଓ ମଦ ବେପାରୀ ସମ୍ପର୍କକୁ ପଦାରେ ପକାଇଛି। ସବୁଠାରୁ କୌତୁହଳର ବିଷୟ ହେଉଛି, ଯେଉଁ ଦୁଇ ଅଭିଯୁକ୍ତଙ୍କୁ ପୁଲିସ କ୍ଲିନ୍‌ଚିଟ୍ ଦେଇଛି ସେମାନଙ୍କ ନାମରେ ଅନେକ ଚୋରା ମଦ କାରବାର ମାମଲା ରହିଛି। ଅଭ୍ୟାସଗତ ମଦ ବେପାରୀଙ୍କ ବିରୋଧରେ ମାମଲା ବନ୍ଦକରି ପୁଲିସ ପରୋକ୍ଷରେ ନିଶା ବେପାରକୁ ପ୍ରୋତ୍ସାହନ ଦେଉଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ବାଲିପାଟଣା ଥାନା ଅନ୍ତର୍ଗତ ଆଳିଶି ଶାସନ ଅଞ୍ଚଳରେ ଦୁଇ ଭାଇ କମନ ମଲ୍ଲିକ ଓ ପ୍ରମୋଦ ମଲ୍ଲିକ ସ୍ଥାନୀୟ ଅଞ୍ଚଳରେ ଚୋରା ମଦ କାରବାର କରି ଆସୁଛନ୍ତି। ଏମିତିକି ଏକାଧିକ ଥର ଗିରଫ ମଧ୍ୟ ହୋଇଛନ୍ତି। ଫଳରେ ସ୍ଥାନୀୟ ଲୋକେ ନିଶା ସେବନ କରିବା ସହ ପାରିବାରିକ କଳହ ବଢୁଛି। ମଦ୍ୟପାନ ଯୋଗୁଁ ଗତ ଡିସେମ୍ବର ମାସରେ ଡିହ ସାହିର ଜଣେ ଯୁବକଙ୍କର ମୃତ୍ୟୁ ହେବାପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହି ମାସ ୧୧ ତାରିଖ ଦିନ ସ୍ଥାନୀୟ ମହିଳାମାନେ ତା' ଦୋକାନ ଭିତରୁ ଏବଂ ବାଡ଼ି ପଟରୁ ୩ଟି ପେଟି ଆସ୍କା ଫୋର୍ଟି ଓ ଅଧ ପେଟି ବିଦେଶୀ ମଦ ଜବତ କରିଥିଲେ। ବେଆଇନ ବା ଚୋରା ମଦ କାରବାର ବନ୍ଦ କରିବା ଦାବିରେ ଖେଲାର - ବାଲକାଟି ରାସ୍ତା ଅବରୋଧ କରିଥିଲେ। ଅବକାରୀ ଟିମ୍ ଓ ବାଲିପାଟଣା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗ୍ରାମବାସୀମାନେ କମନ ଓ ପ୍ରମୋଦ ନାମରେ ବାଲିପାଟଣା ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୫୭୮/୨୫ ରେ ମାମଲା ରୁଜୁ କରିବା ସହ ତତ୍କାଳୀନ ଏଏସ୍ଆଇ କିଶୋର କୁମାର ପାଢ଼ୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।



ଗ୍ରାମବାସୀମାନେ ଅଭିଯୁକ୍ତଙ୍କ ଘର ଭିତରୁ ମଦ ଜବତ କରି ଏଫ୍ଆଇଆର୍ ଦେଇଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗିରଫ କରିନଥିଲା। ଗିରଫଦାରୀ କଥା ଦୂରରେ ଥାଉ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିବାକୁ ଉଚିତ୍ ମଣି ନଥିଲା। ପୂର୍ବରୁ ସେଇ ଦୁଇ ଅଭିଯୁକ୍ତଙ୍କ ନାମରେ ଏକାଧିକ ଚୋରା ମଦ କାରବାର ଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଅନୁକମ୍ପା ଦେଖାଇଥିଲା। ଆଶ୍ଚର୍ଯ୍ୟଜନକ କଥାଟି ହେଉଛି, ଦୁଇ ଅଭିଯୁକ୍ତଙ୍କ ଘର ଭିତରୁ ଲୋକମାନେ ମଦ ଜବତ କରିଥିଲେ ମଧ୍ୟ ତଦନ୍ତକାରୀ ଅଧିକାରୀ ଶ୍ରୀ ପାଢ଼ୀ ସେମାନଙ୍କ ବିରୋଧରେ କୌଣସି ପ୍ରମାଣ ପାଇପାରି ନ ଥିଲେ। ଶେଷରେ ପ୍ରମାଣ ନ ଥିବା (ଏଫ୍ଆର୍ଆଇଇ) ଦର୍ଶାଇ ମାମଲା ବନ୍ଦ କରିଥିଲେ ତଦନ୍ତକାରୀ ଅଧିକାରୀ। ଅଭ୍ୟାସଗତ ମଦ ବେପାରୀଙ୍କ ବିରୋଧରେ ପ୍ରମାଣ ନ ପାଇବା ପୁଲିସର ତଦନ୍ତକୁ ସନ୍ଦେହ ଘେରକୁ ଠେଲି ଦେଇଛି। ମାମଲା ବନ୍ଦ ସମୟରେ କେସ୍ ସୁପରଭିଜନ୍ କରିଥିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିବା ଭଳି, କମିସନରେଟ ପୁଲିସରେ ବିଭିନ୍ନ ମାମଲାର ହେଉଥିବା ତଦନ୍ତର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





**ଆଜି ଅନ୍ତର୍ଜାତୀୟ ମହିଳା ଦିବସ**

# ପରିବହନ କ୍ଷେତ୍ରରେ ସାମିଲ ହେଲେଣି ମହିଳା

ଭୁବନେଶ୍ୱର, ୭।୩(ସମିସ): ମାଟିରୁ ମହାକାଶ। ସଡ଼କରୁ ସଂସଦ। ସବୁଠି ସବୁ କ୍ଷେତ୍ରରେ ମହିଳାଙ୍କ ବୈଜୟନ୍ତୀ। ସେମାନଙ୍କ ପାଇଁ ପରିସ୍ଥିତି ଯେତେ ଜଟିଳ ହେଉ ପଛକେ, ଆହ୍ୱାନ ଯେତେ ପ୍ରତିକୂଳ ହେଲେ ହେଁ ମହିଳାମାନେ ଆଜିର ଦିନରେ ନିଜକୁ ଅପରାଜିତା, ସ୍ୱୟଂ-ସିଦ୍ଧା ଓ ସମ୍ପୂର୍ଣ୍ଣା ବୋଲି ଅନେକ ପ୍ରମାଣ ଦେଇ ସାରିଛନ୍ତି। ସେହିପରି ଏବେ ମହିଳାମାନେ ପରିବହନ କ୍ଷେତ୍ରରେ ବହୁମାତ୍ରାରେ ନିଜକୁ ସାମିଲକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି।



ପରିବାର ପ୍ରତିପୋଷଣରୁ ନେଇ ଦୁଷ୍ପ୍ରାପ୍ୟ ପାରିଜାତ ପାଖରେ ପହଞ୍ଚିବାର ଲକ୍ଷ୍ୟ ଓ ସଂକଳ୍ପ ସେମାନଙ୍କ ଭିତରେ ଯେମିତି ଏକ ଆଦିମ ସଂକଳ୍ପ। ସମାଜର ଆଖିଠାରକୁ ଭ୍ରୂକ୍ଷେପ କରି ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ହେଉ କି ପରିବହନ ସବୁଠି ଏବେ ମହିଳାଙ୍କ ସ୍ୱାକ୍ଷର। ସମ୍ପ୍ରତି ମହିଳାମାନେ ସାଜିଛନ୍ତି ବିକାଶର ନବ ଉନ୍ମେଷ। ଅସରନ୍ତି ଆଖିର ପ୍ରେରଣା ଏହି ମହିଳାମାନେ। ରାଜ୍ୟର କୋଣ ଅନୁକୋଣରୁ ଏବେ ପରିବହନ କ୍ଷେତ୍ରରେ ମହିଳାମାନେ ଆଗେଇ ଆସିଲେଣି। ପୂର୍ବରୁ କେବଳ ଏ କ୍ଷେତ୍ରରେ ପୁରୁଷ ମାନଙ୍କୁ ହିଁ ଦେଖିବାକୁ ମିଳୁଥିଲା। ହେଲେ ସମୟ ବଦଳିବା ସହ ଯାତ୍ରୀବାହୀ ଗାଡି ଚଳେଇବାରେ ମହିଳାମାନେ ବି ପଛରେ ନାହାନ୍ତି। ଅଟୋ, କାର ତଥା ବେଟ୍ରି ଚାଳିତ ଗାଡି ଚଳାଉଥିବା କିଛି ମାତ୍ରାରେ ପରିଲକ୍ଷିତ ହେଉଥିଲା। ସେହିପରି କ୍ରୁଟ ପକ୍ଷରୁ ଏବେ ଆମ ବସ ସେବା ପାଇଁ ମହିଳା ଡ୍ରାଇଭରଙ୍କୁ ସାମିଲ କରିବା ଆରମ୍ଭ ହୋଇଛି। ଯେଉଁଥିରେ ଭାରି ମୋଟର ଯାନ ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭର ପୁଣେରେ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ସମୟ ସହ ରାଜଧାନୀରେ ଏବେ ଯାତ୍ରୀବାହୀ କାର ଓ ଅଟୋରେ ମହିଳା ଡ୍ରାଇଭରଙ୍କ ସଂଖ୍ୟା ବଢ଼ିଥିବା ପରିଲକ୍ଷିତ ହେଉଛି। କେବଳ ସେତିକି ନୁହଁ ବଟଂ ଓଲା, ଉବର ତଥା ଜୋମାଟୋ ଭଳି ସଂସ୍ଥାରେ ମହିଳାମାନେ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଘରକୁ ଘର ବୁଲି ମହିଳାମାନେ ଖାଦ୍ୟ ଡେଲିଭରି କରିବାକୁ ମଧ୍ୟ ଅନେକ ଆଗେଇ ଆସୁଛନ୍ତି। ଯାହାର ପ୍ରମାଣ ଭୁବନେଶ୍ୱରରେ ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ଜଣେ ମହିଳା ଟ୍ୟାକ୍ସି ଡ୍ରାଇଭର ଭାବେ ନିଜ ପରିଚୟ ଗଢିଥିବା ରାଜଧାନୀର ବିମଳା ନାୟକ କୁହନ୍ତି, କୌଣସି କାମ ଛୋଟ କି ବଡ ନୁହଁ। ସେ ନିଜେ ଏ କ୍ଷେତ୍ରରେ ୮ ବର୍ଷଧରି ଅଭିଜ୍ଞତା ସାଉଁଟିଛନ୍ତି। ସେଥିପାଇଁ ତାଙ୍କୁ ସାହି ପଡ଼ିଶାରୁ ଅନେକ କଥା ଶୁଣିବାକୁ ମଧ୍ୟ ପଡ଼ିଥିବା ତଥାବି ସେ ଅଟକି ଯାଇନଥିଲେ। ବିଏସ୍ଏନଏଲ ଡିଜିଏମଙ୍କ ଗାଡି, ବିଏମସି ଅଳିଆ ଗାଡି ଏବଂ ସିୱାଇଏସଡିରେ ମଧ୍ୟ ଜଣେ ମହିଳା ଡ୍ରାଇଭର ଭାବରେ କାମ କରିସାରିଛନ୍ତି। ବର୍ତ୍ତମାନ ସେ ଏଚଏମଭି ଲାଇସେନ୍ସ ପାଇଁ ସେ ପ୍ରଶିକ୍ଷଣ ନେଇ ଆସିଛନ୍ତି। ଆଗକୁ ଯାତ୍ରୀବାହୀ ବସ ଚଳାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟ ତାଙ୍କୁ ଏକ ନୂଆ ପରିଚୟ ଦେବା ସହ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭର କରିଛି। ଯେଉଁ ସମୟରେ ରାଜଧାନୀରେ ଗୋଟିଏ ବି ମହିଳା ଡ୍ରାଇଭର କିଏ କ୍ୱଚିତ ଦେଖିଥିବେ ସେ ସମୟରୁ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇ ଏବେବି ଜାରି ରହିଛି। ସେ ଅନ୍ୟ ମହିଳାମାନଙ୍କୁ ମଧ୍ୟ ଏଥିରେ ଆଗେଇ ଆସିବାକୁ ପ୍ରେରଣା ଦେଇଛନ୍ତି।

## ଗାଁ ପାଣି ପବନ ବେଶ୍ ମନେ ପଡ଼େ



**ଆମେ ଗାଁରୁ ଆସିଛୁ**

ଭୁବନେଶ୍ୱର, ୭।୩(ସମିସ): ବଣ ଜଙ୍ଗଲ ଓ ପାହାଡ ଘେରା ଆମ ଗାଁ। ଯାହା ମୋ ପାଇଁ ସବୁବେଳେ ସୁନ୍ଦର ଓ ସ୍ୱତନ୍ତ୍ର। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି। ପିଲାଦିନେ କୁସୁମୀ ନଦୀର ସ୍ୱଚ୍ଛ ଜଳରେ ସାଙ୍ଗମାନଙ୍କ ସହ ଘଣ୍ଟା ଘଣ୍ଟା ବିତାଉ। ଖରା ଦିନ ଆସିଲେ ଡ୍ୟାମ ନିକଟରେ ଥିବା ଘଞ୍ଚ ଜଙ୍ଗଲ ସବୁଠୁ ପ୍ରିୟ ସ୍ଥାନ ଭାବେ ଜଣା।

ନିଜ ଗାଁକୁ ଏପରି ବର୍ଣ୍ଣନା କରିଥିବା ମଣିଷ ହେଉଛନ୍ତି ସୁଶାନ୍ତ ସାହୁ। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାଗଡ଼ ଗ୍ରାମରେ ତାଙ୍କ ଘର। ଦୀର୍ଘ ବର୍ଷ ହେବ ୧୯ ୯୪ ମସିହାରୁ ସେ ରାଜଧାନୀର ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ପୋଖରୀପୁଟ ଅଞ୍ଚଳ। ନିଜ ଗାଁ ବିଷୟରେ ସେ କୁହନ୍ତି, ଗାଁ ଦାଣ୍ଡରେ ହେଉଥିବା ଦଣ୍ଡ ନାଚରେ ଢୋଲ ଶବ୍ଦ ଶୁଣିଲେ ପିଲାଦିନେ ଗୋଡ ଆପେ ଆପେ ନାଚେ। ରାତି ତମାମ ଗାଁରେ ରାମଲୀଳା ଦେଖିବାକୁ ମଜା ଲାଗେ। ହେଲେ ସହରରେ ଏସବୁ କୋଉଠୁ ମିଳିବ। ୪ ବର୍ଷ ତଳର ସେହି କଞ୍ଚା ରାସ୍ତା, ମାଟି ଘର ଏବଂ ଲୋକଙ୍କ ସରଳତା ହିଁ ଗାଁର ପ୍ରକୃତ ପରିଚୟ ଥିଲା। ବର୍ତ୍ତମାନ ସମୟରେ ପରିବର୍ତ୍ତନ ସହ ଗାଁରେ ଆଧୁନିକତାର ଛାପ ଦେଖିବାକୁ ମିଳିଲାଣି। ଗାଁରେ ନୂଆ ରାସ୍ତା ପହଁଚିଛି, ମାଟି ରାସ୍ତା ଏବେ ପିଚୁରେ ପରିଣତ ହୋଇଛି। ସାମାଜିକ ଗଣମାଧ୍ୟମର ବ୍ୟବହାର ଗାଁକୁ ଛୁଇଁଛି। ହେଲେ ପୂର୍ବ ଭଳି ଗାଁର ସରଳତା ସମୟ ସହ କମିଛି। ପ୍ରତିଟି ପର୍ବପର୍ବାଣୀରେ ଗାଁ ଉଚ୍ଛୁଳୁଥିଲା। ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳି, ପିଠା ପଣାର ମହକରେ ଗାଁ ଦାଣ୍ଡ ନିଆରା ଅନୁଭବ ଦେଉଥିଲା। ଯାହା ହୁଏତ ଏବେ ସମୟ ସୁଅରେ ଧୀରେ ଧୀରେ ପଛରେ ଛାଡିଆସିଲା ପରି ଅନୁଭବ ହେଉଛି। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ହେଲେ ଏଠି ସହରରେ ପଡ଼ିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଭଲରେ ମନ୍ଦରେ କେହି କାହାରିକୁ ପଚାରନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଏ ଆଖି ହଳକ ଆଜି ସହରୀକରଣ ଭିତରେ ଯେମିତି ଧସି ପଶିଛି। ଗାଁ ପରିବେଶ ପଛରେ ଛାଡି ତାକୁ ହିଁ ଝୁରି ହେଉଛି। ଗାଁର ଯେଉଁ ଆପଣାପଣର ବାସ୍ନା, ସବୁଦିନ ପାଇଁ ମନ ସହରରେ ଖୋଜି ଝୁରି ହେଉଥିବ।

## କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ 'ସ୍ତ୍ରୀଶକ୍ତି'



ଭୁବନେଶ୍ୱର, ୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାମାଜିକ ଅନୁଷ୍ଠାନ କ୍ରାନ୍ତିକାରୀ ଫାଉଣ୍ଡେସନ ଓ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ୍ ତରଫରୁ ବୁଦ୍ଧ ମନ୍ଦିରଠାରେ ସ୍ତ୍ରୀଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଅତିଥି ଭାବେ ପୂର୍ବତନ ମହିଳା କମିସନ ସଦସ୍ୟା ସସ୍ମିତା ନନ୍ଦ, ସିନେ ଅଭିନେତା ଚନ୍ଦନ କର, ଅଭିନେତ୍ରୀ ଦେବଯାନୀ ଦେଗୁରିଆ, ସମାଜସେବୀ ନିରୋଜାଲକ୍ଷ୍ମୀ ମହାପାତ୍ର, ସସ୍ମିତା ନାୟକ, ପିଙ୍କି ମହାପାତ୍ର ଓ କ୍ରାନ୍ତିକାରୀ ଫାଉଣ୍ଡେସନ ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ଯୋଗ ଦେଇଥିଲେ। ସମାଜସେବୀ ସନ୍ତୋଷ ଜୈନ ଓ ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀଙ୍କୁ 'ସ୍ତ୍ରୀଶକ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଅଧ୍ୟକ୍ଷ ମିର ଅହମ୍ମଦ ଅଲ୍ଲୀ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ସାଗର ସାହୁ। ଅନୁଷ୍ଠାନର ସଦସ୍ୟ ଜଗନ୍ନାଥ ସାହୁ, ବିଷ୍ଣୁ ପ୍ରସାଦ ସାହୁ, ସରୋଜ ପ୍ରଧାନ, କ୍ଷୀରୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତାପସ ଦେ ଧନ୍ୟବାଦ ଦେଇଥିଲେ।



ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାର ୧୦୦ ତମ ସ୍ଥାନରେ ଥିବା ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ରେ ସମ୍ବର୍ଦ୍ଧିତ କରାଯାଇଛି।

## ଓୟୁଏଟିରେ ଦୁଇଦିନିଆ କର୍ମଶାଳା



ଭୁବନେଶ୍ୱର, ୭।୩(ସମିସ): ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର କଲେଜ ଅଫ ବେସିକ ସାଇନ୍ସ ଏଣ୍ଡ ହ୍ୟୁମାନିଟିଜ୍ (ସିବିଏସ୍ଏଚ୍) ରେ 'ଉନ୍ନତ ବୈଜ୍ଞାନିକ ଲେଖନ ଓ ଶାସ୍ତ୍ରୀୟ ସମ୍ପ୍ରେଷଣ: ନୂତନ ପରିଦୃଶ୍ୟର ଦକ୍ଷତା ଅର୍ଜନ' ଶୀର୍ଷକ ଉପରେ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନ ଅଧିବେଶନରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଗବେଷଣାକୁ ବିଶ୍ୱସ୍ତରରେ ପ୍ରସାରିତ କରିବା ପାଇଁ ପ୍ରଭାବଶାଳୀ ବୈଜ୍ଞାନିକ ଲେଖନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସିବିଏସ୍ଏଚ୍‌ର ନିର୍ଦ୍ଦେଶକ ତଥା କର୍ମଶାଳାର ସଭାପତି ପ୍ରଫେସର ଚନ୍ଦ୍ରମଣି ଖଣ୍ଡା କହିଥିଲେ ଯେ, ଉତ୍କୃଷ୍ଟ ଲେଖନ ଓ ସଂଯୋଗ କୌଶଳ ବିଶ୍ୱବିଦ୍ୟାଳୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିବ। ଏହି କାର୍ଯ୍ୟକ୍ରମର ଆୟୋଜକ ଡ. ମଧୁଳିକା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ସହ ଆୟୋଜକ ଡ. ଲକ୍ଷ୍ମୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଟିପୁର ହାଇସ୍କୁଲ୍‌ରେ ବାର୍ଷିକୋତ୍ସବ



ଧଉଳି, ୭।୩(ସମିସ): ଭୁବନେଶ୍ୱର ବ୍ଲକ ଅଧୀନ ଇଟିପୁରସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ମହାସମାରୋହରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମାନସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ଜ୍ଞାନରଞ୍ଜନ ସାହୁ, ପରିଚାଳନା କମିଟିର ସଭାପତି ଗଦାଧର ସାହୁ, ପ୍ରସନ୍ନ କୁମାର ପରିଡ଼ା, ପୂର୍ବତନ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସୁବୁଦ୍ଧି, ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଷଡ଼ଙ୍ଗୀ ଓ ଶୁଭ୍ରଶ୍ରୀ ଦାସ ମଧ୍ୟ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୋନାଲି ଭୂୟାଁ, ସବ୍ୟଜିତ ବେହେରା ଏବଂ ଦିନେଶ କୁମାର ଲେଙ୍କା ସଂଯୋଜନା କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରହରାଜ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

**'ରମାଦେବୀ'ରେ ଜାତୀୟ ସେମିନାର**

## ସୁଦୃଢ଼ କୃଷି ଅର୍ଥନୀତିରେ ମହିଳାଙ୍କ ଅବଦାନ ଅନନ୍ୟ



ଭୁବନେଶ୍ୱର, ୭ ।୩(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମା' ରମାଦେବୀ ଚେୟାର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'କୃଷି କ୍ଷେତ୍ରରେ ମହିଳା: ମାଟିର ଅଜଣା ହିରୋ' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାର ଆଜିଠାରୁ ଆରମ୍ଭ ହୋଇଛି। କୃଷି ଏବଂ ଗ୍ରାମୀଣ ବିକାଶରେ ମହିଳା ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ବ୍ୟାପକ ଆଲୋଚନା ହୋଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମହିଳା କୃଷକଙ୍କର ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିବା ସହ କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ ସେମାନଙ୍କ ଅନନ୍ୟ ଅବଦାନ ରହୁଥିବା କହିଛନ୍ତି। ସେହିପରି ବିଭିନ୍ନ ବୈଷୟିକ ଅଧିବେଶନରେ ଶିକ୍ଷାବିତ୍‌ଙ୍କ ସହିତ ଗବେଷକମାନେ କୃଷିରେ ମହିଳାଙ୍କ ଅଂଶଗ୍ରହଣ, ବାଜରା ମୂଲ୍ୟ ଶୃଙ୍ଖଳା, କୃଷି ବନୀକରଣ, ଜଳବାୟୁ ସ୍ଥିରତା, ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଏବଂ କୃଷିରେ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳସଚିବ ମନସ୍ୱିନୀ ସାହୁ ଜ୍ଞାନ ବିନିମୟ ଓ ସମର୍ଥନ ମାଧ୍ୟମରେ ମହିଳା କୃଷକଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଡ଼ଃ ସସ୍ମିତା କର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର କ୍ରୀଡ଼ା ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୭ ।୩(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର ଇକ୍‌ବାଲ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଯାପନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାନର ପୃଥ୍ୱୀହାଉସ୍‌କୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନୀ, ଅଳିଭା କୁଜୁର ବାଳିଖା ଚାମ୍ପିଅନ୍, ଓକେ ଓଡିନ୍ ସିଂଙ୍କୁ ବାଳକ ଚାମ୍ପିଅନ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର, କ୍ରୀଡ଼ା ପରିଷଦର ଆବାହକ ପ୍ରଫେସର ରମାକାନ୍ତ ମାହାଳିକ ଓ ଡ଼ିଇଏସ୍ଏସ୍ଏଚ୍‌ର ଅଧ୍ୟକ୍ଷ ଡ଼. କଳିଙ୍ଗ କେତକୀ ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିବା ବେଳେ ବୃନ୍ଦାବନ ଭୋଇ ଓ ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ଛାତ୍ର ପରିଷଦର ଯୁଗ୍ମ ଉପଦେଷ୍ଟା ଲେଫଟାନ ପ୍ରଫେସର ରଶ୍ମିରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମକୁ ଡ଼.ଦେବାଶିଷ ମହାପାତ୍ର, ଡ଼. ସରିତା ଏମ୍ ଓ ସର୍ବେଶ କୁମାର ମୌର୍ଯ୍ୟ ଉପସ୍ଥାପନା କରିଥିଲେ।

## ସର୍ବଭାରତୀୟ ବରିଷ୍ଠ ମହାସଂଘର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୭ ।୩(ସମିସ): ଭୁବନେଶ୍ୱର ରେଲୱେ ଅଡିଟୋରିଅୟମରେ ସର୍ବଭାରତୀୟ ବରିଷ୍ଠ ମହାସଂଘର ୨୩ତମ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଟି ରାଜ୍ୟରୁ ୩୦୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ଗବେଷକ ପ୍ରଫେସର ଡା ଚତୁର୍ଭୁଜ ଭୂୟାଁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ବାର୍ଦ୍ଧକ୍ୟରେ ସୁସ୍ଥତାର ସଫଳ ମନ୍ତ୍ର ଦେଇଥିଲେ।

## ପୁଷ୍ପାଞ୍ଜଳି ନାୟକଙ୍କୁ ପଞ୍ଚମ 'ସୁକୁବିନା ସ୍ରଷ୍ଟା ସ୍ମୃତି ପୁରସ୍କାର'



ଭୁବନେଶ୍ୱର, ୭।୩(ସମିସ): ପଞ୍ଚମ 'ସୁକୁବିନା ସ୍ରଷ୍ଟା ସ୍ମୃତି ପୁରସ୍କାର' ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଏହି ସମ୍ମାନଜନକ ପୁରସ୍କାରରେ କଥାସାହିତ୍ୟିକା ପୁଷ୍ପାଞ୍ଜଳି ନାୟକଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଆ କଥାସାହିତ୍ୟରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। କଳା, ସାହିତ୍ୟ ଓ ସଂସ୍କୃତିର ପ୍ରତିପାଳକ ସ୍ୱର୍ଗତ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣଙ୍କ ଜନ୍ମତିଥି ଅବସରରେ ଆୟୋଜିତ ଏହି ଉତ୍ସବରେ ସାହିତ୍ୟିକ ଡ. ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ଦାଶ ବେନହୁର, ଡ. ଗୌରହରୀ ଦାସ, ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ନ୍ୟାସୀ ପ୍ରଦୀପ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ନ୍ୟାସୀ ପୁରବୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ସ୍ୱୟଂପ୍ରଭା ରଥ ମଞ୍ଚ ପରିଚାଳନା କରିଥିଲେ।

# ରାଜଧାନୀରେ ବି ଗୀତିନାଟ୍ୟ ଦେଖିବାକୁ ଲୋକଙ୍କ ଭିଡ଼

ଭୁବନେଶ୍ୱର, ୭ ।୩(ସମିସ): 'ପେସ ଫାଉଣ୍ଡେସନ' ଓ 'ପିଙ୍କଉଡ଼' ଦ୍ୱାରା ପ୍ରଯୋଜିତ ଗୀତିନାଟ୍ୟ 'ଅଭିମନ୍ୟୁ ବଧ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଙ୍କଉଡ଼ର ପ୍ରତିଷ୍ଠାତା ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ ଓଡ଼ିଆ ଅସ୍ମିତାର ପରିଚୟ ଆମ କଳା ସଂସ୍କୃତି ଓ ସାହିତ୍ୟକୁ ଆଧୁନିକ ପିଢ଼ି ପାଖରେ ପହଞ୍ଚାଇବା ଦିଗରେ ଏହା ଏକ ଛୋଟ ଉଦ୍ୟମ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ତ୍ତ, ଅବକାରୀ ଓ ଆଇନ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଆମ ସମୃଦ୍ଧ ନାଟ୍ୟ ପରମ୍ପରାକୁ ବଞ୍ଚାଇ ରଖିବା ଏବଂ ପିଲା ମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା କୁ ପ୍ରକାଶ କରିବାର ଏ ଉଦ୍ୟମ ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମତ୍ସ୍ୟ, ପଶୁ ସମ୍ପଦ ଓ ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍‌ଯୋଗ ବିଭାଗ ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏଭଳି ଏକ ଗୀତିନାଟ୍ୟ ପରିବେଷଣ ମତେ ମୋ ପିଲାଦିନ କଥା ମନେପକାଇ ଦେଉଛି। କଳାର ରାଜ୍ୟ ଓଡ଼ିଶା ରେ କଳାର ପ୍ରକାଶ ଏବେ କମି କମି ଚାଲିଛି। ଆଜି କାଲି ମୋବାଇଲ ପଛରେ ପଡ଼ିଥିବା ପିଲାଙ୍କୁ ଏଭଳି କଳାତ୍ମକ କାର୍ଯ୍ୟ ସହିତ ଯୋଡିବା ପାଇଁ ଅଭିଭାବକ ମନେ ଅଗୋଇ ଆସିବା ଆବଶ୍ୟକ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂ, ଦୂରଦର୍ଶନର ପୂର୍ବତନ ନିର୍ଦେଶକ ଶାନ୍ତନୁ ରଥ, ବିଶିଷ୍ଟ ଉଦ୍‌ଯୋଗୀ ସୁରେଶ ପାଣିଗ୍ରାହୀ ଓ ସ୍ୱତନ୍ତ୍ର ଅତିଥି, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ଫାଉଣ୍ଡର ଟିମ ନିଶିକାନ୍ତ ମିଶ୍ର, ଅଭିନେତ୍ରୀ ଶ୍ରୀମତୀ ରାକ୍ଷୀ ଦାଶ ଓ ପ୍ରଧାନ ଶିକ୍ଷୟତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ ଖଣ୍ଡଗିରି କବିତା ଦଣ୍ଡପାଟ ଯୋଗଦେଇ ଏଭଳି ଉଦ୍ୟମ ର ଭୂୟସୀ ପ୍ରଶଂସା କରିଥିଲେ। 'କୁନି କଳାକାର କାରନାମା' ଦ୍ୱାରା ପ୍ରସ୍ତୁତ ଏହି ଗୀତିନାଟ୍ୟଟି କୁ ନିଜ ଜୀବନ୍ତ ଅଭିନୟ ରେ ରୂପ ଦେଇଥିଲେ ସରକାରୀ ଉଚ୍ଚ ବିଦ୍ୟାଳୟ ଖଣ୍ଡଗିରି, ଜାଗମରା ଓ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମେଶ୍ୱରର ବିଦ୍ୟାର୍ଥୀମାନେ। ଏହାର ନିର୍ଦ୍ଦେଶନା ସାତ୍ତ୍ୱିକ ରାଜା ଓ ରାଜେଶ ମଲ୍ଲିଆ ଦେଇଥିବା ବେଳେ ସଙ୍ଗୀତ ନିର୍ଦେଶନା ଦେଇଥିଲେ ଅଜୟ ଚୌଧୁରୀ ଓ ନୃତ୍ୟ ନିର୍ଦେଶନା ଦେଇଥିଲେ ପୁଷ୍ପାଞ୍ଜଳି।



# ଭୁବନେଶ୍ୱର ସିଟି






ଘରୋଇ ଗ୍ୟାସ୍ ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱରରେ ମହିଳା କଂଗ୍ରେସ ପକ୍ଷରୁ ସିଲିଣ୍ଡର ଧରି ବିକ୍ଷୋଭ

## ୯ ରୁ ପଞ୍ଚମବେଦ ନାଟକ ମହୋତ୍ସବ

ଭୁବନେଶ୍ୱର, ୭।୩(ସମିସ): ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ ଉତ୍ସବ ଆସନ୍ତା ୯ ରୁ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଉତ୍ତରପୁରୁଷ ପକ୍ଷରୁ ନାଟକ 'କର୍ଣ୍ଣ' ମଞ୍ଚସ୍ଥ ହେବ। ଏହାସହିତ ୧୦ରେ ପଞ୍ଚମବେଦ ପକ୍ଷରୁ ନାଟକ ଅବସର ୧୧ ତାରିଖରେ ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ନାଟକ 'ଭିନ୍ନ ଏକ ସହଯାତ୍ରୀ' ଏବଂ ୧୨ରେ ଡାଇନାମିକ ପ୍ଲାଟଫର୍ମ ପକ୍ଷରୁ 'ଶୁଣ ସୁଜନେ' ପରିବେଷଣ ହେବ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସୁଶିଲ ମିଶ୍ର ଏବଂ ପଞ୍ଚମବେଦ ସମ୍ମାନରେ ନାଟ୍ୟକାର ମିହିର ମେହେର, ପୁରୁଷୋତ୍ତମ ମିଶ୍ର, ଚିତ୍ରଶିଳ୍ପୀ ରାମହରି ଜେନା, କଣ୍ଠଶିଳ୍ପୀ ଗଗନ ବିହାରୀ ଦାସ, ଅଭିନେତ୍ରୀ ଧରିତ୍ରୀ ଖଣ୍ଡୁଆଳଙ୍କୁ ସମ୍ମାନିତ କରାଯିବ। ଏନେଇ ପଞ୍ଚମବେଦ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅନୁଷ୍ଠାନର ସଭାପତି ଜଗନ୍ନାଥ ପ୍ରଧାନ, କୋଷାଧ୍ୟକ୍ଷ ଅଭିମନ୍ୟୁ ସେଠି ଏବଂ ସମ୍ପାଦକ ପ୍ରକାଶ ମହାରଣା ସୂଚନା ଦେଇଛନ୍ତି।

## ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୭।୩(ସମିସ): ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ଓଡିଆ ସଂସ୍କୃତି ଓ ଆସ୍ଥାର ପ୍ରତୀକ। ଏହା ଓଡିଆ ଜାତିର ସ୍ୱାଭିମାନ ଓ ସଂସ୍କୃତି ମୂଳଦୁଆ। ବର୍ତ୍ତମାନ ସମୟରେ କେତେ ପରିବର୍ତ୍ତନ ଏବଂ ଉନ୍ନତୀକରଣ ହୋଇଛି। ତାର ଆଖପାଖ ପରିବେଶ ବଦଳିଛି। ଦୂରଦୁରାନ୍ତରରୁ ଭକ୍ତଙ୍କ ସୁଅ ମଧ୍ୟ ଛୁଟୁଛି। କେତେ ଚିତ୍ରଶିଳ୍ପୀ ମନ୍ଦିର ଏବଂ ମହାପ୍ରଭୁଙ୍କୁ ନିଜ ତୁଳୀରେ ଆଙ୍କୁଛନ୍ତି। ହେଲେ ସେ ସମୟର ପରିବେଶ ଯେବେ ଘଟିନଥିଲା ପରିବର୍ତ୍ତନ ଏବଂ ନଥିଲା ରଙ୍ଗ ବେରଙ୍ଗର ଫଟୋଚିତ୍ର। ଯେବେ ମୋବାଇଲ କ୍ୟାମେରାରେ କଏଦ ହୋଇନଥିଲା ଶ୍ରୀମନ୍ଦିର ଚତୁଃର୍ପାଶ୍ୱ। ସେହି ସମୟର ଦୃଶ୍ୟକୁ ଦେଖିଥିବା ମଣିଷ ହୁଏତ ଆମ ଗହଣରେ ଆଉ ନାହାନ୍ତି। ଯେ ପ୍ରମାଣ ସାଜିବେ ସେ ଦିନର ଦୃଶ୍ୟ ଏବଂ ଛବିର। ତେଣୁ ସେ ସମମୟର ଚିତ୍ରଶିଳ୍ପୀଙ୍କ କିଛି କୃତି ହିଁ ବର୍ତ୍ତମାନର ସନ୍ଥକ ସାଜିଛି। ତାକୁ ହିଁ ନେଇ ଆମର ଆଜିର ଏହି ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଥିବା ସେହିଭଳି ଏକ ଫଟୋ ଚିତ୍ର, ଯିଏକି ଫେରେଇ ନେଇଛି ଅନେକ ବର୍ଷ ତଳର ଶ୍ରୀମନ୍ଦିରର ଦୃଶ୍ୟ। ଯେଉଁଠି ଛୁଇଁ ପାରିନଥିଲା ଆଧୁନିକତା। ନା ପହଁଚିଥିଲା ମଟରଯାନ, ନାଥିଲା ଚାରିପାଖରେ ବଡ ବଡ ଅଟ୍ଟାଳିକା। ଏହା ଶ୍ରୀମନ୍ଦିରର ଏକ ତୈଳଚିତ୍ର। ଯାହାକି ୨୦୬ ବର୍ଷ ପୂର୍ବର ବୋଲି ଜଣାପଡ଼ିଛି ଏବଂ ଏହା ବ୍ରିଟିଶ ଲାଇବ୍ରେରୀରୁ ସଂଗ୍ରହ କରାଯାଇଛି। ଯେଉଁଥିରେ ଶ୍ରୀମନ୍ଦିରର ଦୃଶ୍ୟ ସହ ଏକ ଚାଳଛପର ଘରର ଦୃଶ୍ୟ ପରିଲକ୍ଷିତ ହେଉଛି। ଯାହାକି ଗ୍ରାମ୍ୟ ଜୀବନର ଏକ ଝଲକ ସଦୃଶ।

● ଶ୍ରମିକଙ୍କୁ ଆକ୍ରମଣ କରି ଲୁଟ୍

## ୩ ଲୁଟେରାଙ୍କୁ କାବୁ କଲା ପୁଲିସ



ଭୁବନେଶ୍ୱର, ୭।୩(ସମିସ): ଇନଫୋସିଟି ଥାନା ପୁଲିସ ଶ୍ରମିକଙ୍କୁ ଆକ୍ରମଣ କରି ଲୁଟ୍ କରିବା ମାମଲାର ତଦନ୍ତ କରି ୩ ଜଣ ଚୋରଙ୍କୁ ଶନିବାର ଗିରଫ କରିଛି। ଗିରଫ ୩ ଜଣ ଚୋର ହେଉଛନ୍ତି, ପଥରଗାଡ଼ିଆ ଅଞ୍ଚଳର ସନ୍ତୋଷ ଜେନା (୪୫), ଅଭିନାଶ ନାୟକ (୩୨) ଓ ଉପେନ୍ଦ୍ର ଦେହୁରୀ (୩୧)। ଏନେଇ ଶିଶିର ଲେଙ୍କା ସ୍ୱେରେଜ୍ ଲାଇନ କାମରେ ନିୟୋଜିତ ସୁପରଭାଇଜର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୨ ତାରିଖରେ ପଥରଗାଡ଼ିଆ ଅଞ୍ଚଳରେ ସ୍ୱେରେଜ୍ ଲାଇନ କାମ ଚାଲିଥିବା ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ୩ ରୁ ୪ ଜଣ ବ୍ୟକ୍ତି ହଠାତ୍ କାର୍ଯ୍ୟସ୍ଥଳକୁ ଆସି ଅଭିଯୋଗକାରୀ ଏବଂ ଅନ୍ୟ ଶ୍ରମିକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସେମାନେ ଶ୍ରମିକମାନଙ୍କୁ ଆକ୍ରମଣ କରି ଭୟଭୀତ କରିଥିଲେ। ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ଏହା ସହିତ ସେମାନେ ଘଟଣାସ୍ଥଳରୁ ଦୁଇଟି ମେସିନ୍ ଚୋରି କରି ଚାଲିଯାଇଥିଲେ। ତଦନ୍ତ ସମୟରେ ଘଟଣାରେ ଅଭିଯୁକ୍ତ ସନ୍ତୋଷ ଜେନା, ଅଭିନାଶ ନାୟକ ଏବଂ ଉପେନ୍ଦ୍ର ଦେହୁରୀଙ୍କ ସମ୍ପୃକ୍ତି ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ମିଳିଥିଲା। ସେମାନଙ୍କ ହେପାଜତରୁ ଚୋରି ହୋଇଥିବା ସମ୍ପତ୍ତି ବୋଲି ସନ୍ଦେହ କରାଯାଉଥିବା ଗୋଟିଏ ବ୍ରେକର ମେସିନ୍ ଏବଂ ଗୋଟିଏ ଶାବଳ ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ଜବତ ସାମଗ୍ରୀର ମୋଟ ମୂଲ୍ୟ ପ୍ରାୟ ୩୦ହଜାର ଟଙ୍କା।

● ଓଡ଼ିଶା ପୁଲିସର 'ନ୍ୟାୟ ସଂହିତା ପ୍ରଦର୍ଶନୀ'

## ନାଟକ ମାଧ୍ୟମରେ ଆଇନ ସଚେତନତା



ଭୁବନେଶ୍ୱର, ୭।୩(ସମିସ): ଓଡ଼ିଶା ପୁଲିସ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ' ଆୟୋଜନ କରାଯାଉଛି। ନୂଆ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ଶୁକ୍ରବାର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ ଶାହ ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ୨୦୨୪ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଥିବାବେଳେ ଏହାର ସଫଳ କାର୍ଯ୍ୟକାରିତା ଓ ସଚେତନତା ସୃଷ୍ଟି ପାଇଁ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏହି ପ୍ରଦର୍ଶନୀରେ ୧୦ଟି ଷ୍ଟଲ କରାଯାଇଛି। ଏଥିରେ ଜରୁରିକାଳୀନ କଲ ସେଣ୍ଟର, ଫୋରେନ୍‌ସିକ୍ ଲ୍ୟାବ, ଥାନା, ଜେଲ, କୋର୍ଟ ଓ ହାଇକୋର୍ଟ ଆଦି ରହିଛି। ପାହାଲ ଥାନା ଅଞ୍ଚଳରେ ଏକ ଏକ ହତ୍ୟା ଓ ଡ଼କାୟତି ମାମଲାରେ ଆଧାରିତ ନାଟକ ପ୍ରଦର୍ଶିତ ହେଉଛି। ନାଟକର ନାଁ ରଖାଯାଇଛି 'ନ୍ୟାୟ ପଥ ଦଣ୍ଡରୁ ନ୍ୟାୟ ପର୍ଯ୍ୟନ୍ତ' 'ନ୍ୟାୟର ନୂତନ ପରିଚୟ' ଡ଼କାୟତମାନେ ଏକ ଘରେ ପଶି ମାରଣାସ୍ତ୍ର ଜରିଆରେ ଅଳଙ୍କାର ଲୁଟ୍ କରିବା ସହ ଝିଅ ଆଗରେ ତାଙ୍କ ବାପା ଓ ମା'ଙ୍କୁ ଆକ୍ରମଣ କରିଥିଲେ। ବାପାଙ୍କ ମୃତ୍ୟୁ ହୋଇଥିଲା ଏବଂ ମା ଗୁରୁତର ହୋଇଥିଲେ। ଏହି ଘଟଣାରେ ପୁଲିସର ତଦନ୍ତରୁ ନେଇ ଚାର୍ଜଶିଟ ଦାଖଲ ପର୍ଯ୍ୟନ୍ତ, ସମସ୍ତ ଘଟଣାକୁ ଅଭିନୟ ମାଧ୍ୟମରେ ନାଟ୍ୟ ରୂପାନ୍ତର କରାଯାଇଥିଲା। ଶେଷରେ କୋର୍ଟ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ଆଜି (ଶନିବାର) ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ, ଆଶା ଦିଦି ଓ ଅନ୍ୟାନ୍ୟ ସାଧାରଣ ଲୋକ ନାଟକ ଦେଖିଥିଲେ। ଗୁରୁ ନାନକ ପବ୍ଲିକ ସ୍କୁଲ, ମଦର୍ସ ପବ୍ଲିକ ସ୍କୁଲ, କ୍ୟାପିଟାଲ ହାଇସ୍କୁଲ, କ୍ୟାପିଟାଲ ଲ' କଲେଜ ଆଦିର ଛାତ୍ରଛାତ୍ରୀମାନେ ନାଟକ ଦେଖି ନୂଆ ଆଇନ ଉପରେ ଜ୍ଞାନ ନେଇଥିଲେ। ତେବେ ଏହି ନାଟକ ଦିନକୁ ୪ ଥର ପ୍ରଦର୍ଶିତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଭୁବନେଶ୍ୱରରେ 'ଜନନୀ ଯାତ୍ରା'




ଭୁବନେଶ୍ୱର, ୭।୩(ସମିସ): ପ୍ରଜନନ ଚିକିତ୍ସା କ୍ଷେତ୍ରରେ ଭାରତର ବିଶ୍ୱସ୍ତ ନାମ ଓଏସିସ୍ ଫର୍ଟିଲିଟି ପକ୍ଷରୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ଏବଂ ମହାରାଷ୍ଟ୍ରରେ ଦମ୍ପତିମାନଙ୍କୁ ସାହାଯ୍ୟ କରିବା ପାଇଁ ଏହାର ଯାତ୍ରା ସଫଳତାର ସହ ଶେଷ କରିବା ପରେ ଓଡ଼ିଶାର ଭୁବନେଶ୍ୱରରେ ଏବେ ପହଞ୍ଚିଛି 'ଓଏସିସ୍ ଜନନୀ ଯାତ୍ରା'। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ବିଏମସି ମେୟର ସୁଲୋଚନା ଦାସଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଜୀବନଶୈଳୀରେ ପରିବର୍ତ୍ତନ, ବିଳମ୍ବିତ ମାତୃତ୍ୱ/ପିତୃତ୍ୱ ଓ ବୈଜ୍ଞାନିକ ଜ୍ଞାନର ଅଭାବ ଯୋଗୁଁ ପ୍ରଜନନ ସମସ୍ୟା କ୍ରମାଗତ ଭାବେ ବଢୁଥିବାରୁ ଓଏସିସ୍ ଜନନୀ ଯାତ୍ରା ବସ୍ ମାଗଣା ପ୍ରଜନନ ପରାମର୍ଶ, ମାଗଣା ଏଏମ୍‌ଏଚ ଓ ହିମୋଗ୍ଲୋବିନ ପରୀକ୍ଷା, ମାଗଣା ବୀର୍ଯ୍ୟ ବିଶ୍ଳେଷଣ ଏବଂ ସୁରକ୍ଷିତ, ସ୍ୱଚ୍ଛ ନମୁନା ସଂଗ୍ରହ କେନ୍ଦ୍ର ଯୋଗାଇ ଦେଉଛି। ଯାହା ଦ୍ୱାରା ଦମ୍ପତିମାନେ ଶୀଘ୍ର, ସଠିକ୍ ଏବଂ ସହାନୁଭୂତିଶୀଳ ମାର୍ଗଦର୍ଶନ ପାଇପାରିବେ। ଓଏସିସ୍ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର ଏବଂ ସହ-ପ୍ରତିଷ୍ଠାତା ଡକ୍ଟର ଦୁର୍ଗା ଜି. ରାଓ କହିଛନ୍ତି 'ବିଜ୍ଞାନ ଯେହେତୁ ଆମର ପ୍ରଜନନ ଚିକିତ୍ସା ପଦ୍ଧତିକୁ ପରିବର୍ତ୍ତନ କରିବାରେ ଲାଗିଛି, ଓଏସିସ୍ ଜନନୀ ଯାତ୍ରା ଉନ୍ନତ, ପ୍ରମାଣ-ଭିତ୍ତିକ ପ୍ରଜନନ ସେବା ବିଷୟରେ ସୂଚନାକୁ ସମ୍ପ୍ରଦାୟର ମୂଳସ୍ତରକୁ ନେଇଯାଉଛି। ଏହି ଅବସରରେ ଓଏସିସ୍ ଫର୍ଟିଲିଟିର ସିଇଓ ପୁଷ୍କରାଜ ଶେନାଇ ମଧ୍ୟ ଉପସ୍ଥିତ ଥିଲେ।

## ଶୁଭଶ୍ରୀ ମହାରଣା ପାଇବେ 'ଅନସୂୟା ମହାପାତ୍ର ସ୍ମୃତି ଲେଖିକା' ପୁରସ୍କାର

ଭୁବନେଶ୍ୱର, ୭ ।୩(ସମିସ): ଯୁବ ଗାଳ୍ପିକା ଶୁଭଶ୍ରୀ ମହାରଣାଙ୍କୁ ମିଳିବ 'ଅନସୂୟା ମହାପାତ୍ର ସ୍ମୃତି ପୁରସ୍କାର' ସେ ତାଙ୍କର ଗଳ୍ପ ସଂକଳନ 'ଗ୍ରେ' ପାଇଁ ଏହି ପୁରସ୍କାର ପାଇବେ ବୋଲି ତିନିଜଣିଆ ବିଚାରକମଣ୍ଡଳୀ ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସ ୧୩ ତାରିଖ ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୁଶ୍ରୀ ମହାରଣାଙ୍କୁ ପୁରସ୍କାର ବାବଦରେ ଅର୍ଥରାଶି ସହ ଅଙ୍ଗବସ୍ତ୍ର ଓ ପ୍ରଶସ୍ତୀପତ୍ର ପ୍ରଦାନ କରାଯିବ। ପ୍ରକାଶଯୋଗ୍ୟ ଯେ ଅଶୋକ ମହାପାତ୍ର ତାଙ୍କ ସ୍ୱର୍ଗତା ମାତା ଅନସୂୟା ମହାପାତ୍ରଙ୍କ ସ୍ମୃତିରେ ଏହି ପୁରସ୍କାର ସଂସ୍ଥାପନ କରିଥିବାବେଳେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ସମୁଦାୟ ବ୍ୟବସ୍ଥା ପରିଚାଳନା କରୁଛି। ସର୍ବୋଚ୍ଚ ୩୦ ବର୍ଷ ବୟସର ଯୁବ ପ୍ରତିଭାଙ୍କୁ ପୁରସ୍କାର ଦିଆଯାଉଛି ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରକାଶ କରିଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୭।୩(ସମିସ): ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲ ଅଫ୍ ଡିଷ୍ଟ୍ରିକ୍ଟ ୩୨୨ସି୪ ତରଫରୁ ଲାୟନ୍ସ ଭବନରେ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ ସଂଯୁକ୍ତା ପତ୍ରୀ ଜିଲ୍ଲା ଲାୟନ୍ସ ମହିଳା ସଶକ୍ତୀକରଣ ଅଧ୍ୟକ୍ଷା ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମହିଳା ଅଂଶଗ୍ରହଣକାରୀ ଶ୍ରୀକୃତି ପଟ୍ଟନାୟକ, ରୀନା ଚୋପ୍ରା ଏବଂ ସ୍ମୃତିଶ୍ରୀ ସିଂହ ମହିଳାମାନଙ୍କୁ ସଶକ୍ତୀକରଣ କରିବା ଏବଂ ସେମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ବିଷୟରେ ଆଲୋଚନା କରିଥିଲେ।




ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ହେମନ୍ତ ଖୁଣ୍ଟିଆ, ଉପ ଗଭର୍ଣ୍ଣର ଲାୟନ ଲଲାଟେନ୍ଦୁ ଶତପଥୀ, କ୍ୟାବିନେଟ ସଦସ୍ୟ ଏବଂ ପଡ଼ୋଶୀ କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଆମ ସହିତ ହାତ ମିଳାଇ ମୋନଙ୍କର ଉତ୍ପାଦ ପ୍ରଦର୍ଶନ କରିଥିଲେ। ଜିଲ୍ଲା ହିତାଧିକାରୀଙ୍କୁ ୧୦ ସିଲାଇ ମେସିନ ପ୍ରଦାନ କରାଯାଇଥିଲା। ୨୦ଜଣ ମହିଳାଙ୍କୁ ଶାଢ଼ି ବଣ୍ଟନ କରାଯାଇଥିଲା। ଶେଷରେ କ୍ୟାବିନେଟ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। କ୍ୟାବିନେଟ ସେକ୍ରେଟାରୀ ଲାୟନ ବିଜୟ କୁମାର ସାହୁ ଆମ ଦ୍ୱାରା ସଶକ୍ତ ହେବାରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଥିଲେ।




## କର୍ମ କ୍ଷେତ୍ରରେ କେତେ ସୁରକ୍ଷିତ ମହିଳା?

ଭୁବନେଶ୍ୱର, ୭ ।୩ (ସମିସ): ଆଜିର ଦିନରେ ନାରୀ ସଶକ୍ତୀକରଣ କଥା କୁହାଯାଉଥିଲେ ବି କେଉଁଠି ନା କେଉଁଠି ନାରୀଟିଏ ପୁରୁଷର ଲୋଲୁପ ଦୃଷ୍ଟିର ଶିକାର ହେଉଛି। ବସ୍‌ରୁ ବସ୍ତି, ମେଳାରୁ ମହୋତ୍ସବ, କଲେଜରୁ କାର୍ଯ୍ୟାଳୟ। ପ୍ରତି ମୁହୂର୍ତ୍ତରେ ପ୍ରତି କ୍ଷଣରେ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି ନାରୀ। ଯଦି ନାରୀଟିଏ ପ୍ରତିବାଦ କରୁଛି ତେବେ ମାନସିକ ଯନ୍ତ୍ରଣା ଓ ଅକଥନୀୟ ଅତ୍ୟାଚାର ମିଳୁଛି। ତେବେ ଆଜିର ନାରୀ କେତେ ସୁରକ୍ଷିତ ତାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ।



ପୂର୍ବ ଅପେକ୍ଷା ଏବେ କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ ବିଶେଷ ଆଇନ ଏବଂ ଶିକ୍ଷା ଅନୁଷ୍ଠାନରେ ପିଲାମାନଙ୍କ ପାଇଁ ସିସିଟିଭିର ସୁରକ୍ଷା ଦିଆଯାଉଛି। ହେଲେ କେବଳ ଆଇନ ଓ ସିସିଟିଭିରେ ମହିଳା ସୁରକ୍ଷିତ ନୁହଁନ୍ତି। ପୁରୁଷ ପ୍ରଧାନ୍ୟ ସମାଜରେ ସେମାନଙ୍କ ମାନସିକତାର ପରିବର୍ତ୍ତନ ହେବା ଉଚିତ୍। ନିଜର ଆତ୍ମ ରକ୍ଷାର ଶିକ୍ଷା ସବୁ ମହିଳାମାନଙ୍କୁ ଯୋଗାଇବା ଦରକାର ତେବେ ମହିଳା ନିଜକୁ ସୁରକ୍ଷିତ ମନେ କରିବେ।

-ସୌମ୍ୟାସ୍ମିତା ପ୍ରଧାନ, କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ



ଆଜିର ସମାଜରେ ମହିଳାମାନେ କର୍ମକ୍ଷେତ୍ର, ଶିକ୍ଷା, ଓ ପ୍ରଶାସନ ସହିତ ପ୍ରାୟ ସମସ୍ତ କ୍ଷେତ୍ରରେ ନିଜ ଦକ୍ଷତା ଓ କ୍ଷମତା ପ୍ରମାଣ କରୁଛନ୍ତି। ସେମାନେ ପରିବାର ଓ ସମାଜର ଉନ୍ନତିରେ ସମାନ ଭାବେ ଅବଦାନ ରଖୁଛନ୍ତି। କିନ୍ତୁ କେତେକ ସ୍ଥାନରେ ମାନସିକ ନିର୍ଯାତନା, ଭେଦଭାବ ଅନୁଭବ ମହିଳାମାନଙ୍କ ଆତ୍ମବିଶ୍ୱାସକୁ କ୍ଷତିଗ୍ରସ୍ତ କରୁଛି। ଏହା କେବଳ ମହିଳାଙ୍କ ସମସ୍ୟା ନୁହେଁ; ଏହା ସମଗ୍ର ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ। ଏହା ପାଇଁ କଠୋର ଆଇନର ପ୍ରୟୋଗ ସହିତ ସମାଜରେ ସଚେତନତା ବଢ଼ାଇବା ଓ ପରସ୍ପର ସମ୍ମାନର ମନୋଭାବ ଗଢ଼ିଉଠିବା ଆବଶ୍ୟକ। ଏହି ଅନ୍ତର୍ଜାତୀୟ ମହିଳା ଦିବସ ଆମକୁ ଏହି ସନ୍ଦେଶ ଦେଇଥାଏ ଯେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ସମାନ ଅଧିକାର ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ।

-ସୀମା ସ୍ୱାଇଁ, ଆକାଉଣ୍ଟସ୍ ଏକ୍ସିକ୍ୟୁଟିଭ୍, ଥିଓସିସ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍



କର୍ମକ୍ଷେତ୍ର ହେଉ କି ଶିକ୍ଷାନୁଷ୍ଠାନ ମହିଳାମାନେ ଯେତେ ଆଗକୁ ଗଲେ ମଧ୍ୟ ଆଜିବି ସେତିକି ଅସୁରକ୍ଷିତ, ପରାଧୀନ ଏବଂ ଭୟଭୀତ। ଆଜିର ସମାଜରେ କେତକ କାମ ପୀପାସୁ ବ୍ୟକ୍ତିମାନଙ୍କ କବଳରୁ ସାମାନ୍ୟ ନାବାଳିକା ଟିଏ ମୁକ୍ତି ପାଇପାରୁନି। ଆମେମାନେ ବିଂଶ ଶତାବ୍ଦୀରେ ପହଞ୍ଚିଛୁ ସତ କିନ୍ତୁ ଆଜିବି ଗୋଟେ ନାରୀ ରାତିରେ ରାଜ ରାସ୍ତାରେ ନିର୍ଭୟରେ ଯାତାୟାତ କରିପାରୁନି।

-ପ୍ରିୟଙ୍କା ପ୍ରିୟମ୍ବଦା ନନ୍ଦ, ସ୍ୱାସ୍ଥ୍ୟ ମିତ୍ର



ବର୍ତ୍ତମାନ ପରିସ୍ଥିତିରେ ମୋର ଦୃଷ୍ଟିକୋଣ ଅନୁସାରେ ନାରୀମାନଙ୍କୁ ପ୍ରତ୍ୟେକ ସଂସ୍ଥାନରେ, ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ, ଅଧିକ ସୁରକ୍ଷାର ଆବଶ୍ୟକତା ରହିଛି। କାରଣ ପୁରୁଷ ପ୍ରଭୁତ୍ୱ ଓ ଲିଙ୍ଗ ଭିତ୍ତିକ ହିଂସାର କାରଣରୁ ନାରୀମାନେ ବିଭିନ୍ନ ପ୍ରକାରର ଉତ୍ପୀଡ଼ନର ସମ୍ମୁଖୀନ ହଉଛନ୍ତି। ସେହିପାଇଁ ସରକାର ନାରୀମାନଙ୍କର ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବା ଉଚିତ୍, ଯାହାଦ୍ୱାରା ସମସ୍ତ ନାରୀ ନିଜ ନିଜ କାର୍ଯ୍ୟ ଓ ପେଶାରେ ସୁରକ୍ଷିତ ମନେ କରିପାରିବେ।

-ସାଇ ସୋନାଲି ପାଲ, ସ୍ନାତକତ୍ତୋର ରାଜନୀତି ବିଜ୍ଞାନ ଛାତ୍ରୀ, ରମାଦେବୀ ବିଶ୍ୱବିଦ୍ୟାଳୟ



ଆଇନ ଓ ସଚେତନତା ବଢ଼ିଥିଲେ ମଧ୍ୟ ନିର୍ଯାତନା ଓ ଅସୁରକ୍ଷାର ଘଟଣା ସମାଜକୁ ଚିନ୍ତାରେ ପକାଉଛି। ମହିଳା ଅବଳା ନୁହେଁ, ସେ ଶକ୍ତିର ପ୍ରତୀକ ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ଗୁଣର ସମନ୍ୱୟ। ତେଣୁ ତାଙ୍କ ସୁରକ୍ଷା କେବଳ ଆଇନର ଦାୟିତ୍ୱ ନୁହେଁ, ସମାଜର ପ୍ରତ୍ୟେକ ଲୋକଙ୍କର ମାନସିକତା ଓ ସଚେତନତା ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ। ମହିଳା ସୁରକ୍ଷିତ ହେଲେ ହିଁ ସମାଜ ସତ୍ୟରେ ଉନ୍ନତ ଓ ସମୃଦ୍ଧ ହେବ।

-ପ୍ରଜ୍ଞା ପରମିତା ଦାଶ, ଲେଖିକା



କର୍ମକ୍ଷେତ୍ର ହେଉ ବା ଶିକ୍ଷାନୁଷ୍ଠାନ ହେଉ ବା ଘରେ ଗୋଟେ ଝିଅ କେଉଁଠି ବି ସୁରକ୍ଷିତ ନୁହେଁ, ସେ ୬୦ବର୍ଷୀୟ ମହିଳା ବା ୨୫ବର୍ଷୀୟ ଯୁବତୀ ହେଉ ବା ୨ବର୍ଷର ଛୋଟ ଝିଅ, ଜନ୍ମ ପରଠୁ ମୃତ୍ୟୁ ଯାଏଁ କୌଣସି ଝିଅ ଏ ଦୁନିଆରେ ସୁରକ୍ଷିତ ନୁହଁନ୍ତି। ଯେମିତି ଆଜି ମହିଳାଙ୍କୁ ସମ୍ମାନ ଦିଆଯାଉଛି ସବୁଦିନ ମହିଳାଙ୍କୁ ଏହି ସମ୍ମାନ ମିଳିବା ଦରକାର

-ବିଜୟଲକ୍ଷ୍ମୀ ମହାରଣା, ସିଏମ୍‌ଏ ଛାତ୍ରୀ



ବର୍ତ୍ତମାନ ସମୟରେ ଘରୁ ବାହାର ପର୍ଯ୍ୟନ୍ତ ମହିଳା କେଉଁଠି ବି ସୁରକ୍ଷିତ ନୁହଁନ୍ତି। ସବୁ ସ୍ଥାନରେ କିଏ ନା କିଏ ମହିଳାଙ୍କୁ ଶୋଷଣ କରିଚାଲିଛନ୍ତି। ବିଶେଷ କରି ମହିଳା ମାନେ ଶାରୀରିକ ନିର୍ଯ୍ୟାତନା ଠାରୁ ଅଧିକ ମାନସିକ ନିର୍ଯ୍ୟାତନା ପାଉଛନ୍ତି। ଯାହା ଫଳରେ ମହିଳା ଗୋଟିଏ ଦିନ ପୂଜା ପାଉଥିବା ବେଳେ ଅନ୍ୟ ଦିନ ଅଲୋଡ଼ା ହୋଇ ପଡୁଛନ୍ତି। ଏବେ ଏବେ ଅନେକ ଦୁଷ୍କର୍ମ ଘଟଣା ଦେଖିବାକୁ ମିଳିଛି। ହେଲେ ବି ସରକାର ନା କେଉଁ ପ୍ରଶାସନ କେହିବି ମହିଳାଙ୍କ ସମ୍ମାନ ପ୍ରତି ସମ୍ବେଦନଶୀଳ ନୁହନ୍ତି। ଅନେକ ଫାଇଲ ଆସୁଛି ନାଲି କପଡ଼ା ତଳେ ଚାପି ହୋଇ ରହିଯାଉଛି। ନା ଦୋଷୀକୁ ଦଣ୍ଡ ମିଳୁଛି ନା ମହିଳାଙ୍କୁ ନ୍ୟାୟ ମିଳୁଛି ତଥାପି ସରକାର ମହିଳା ସୁରକ୍ଷିତ ବୋଲି କହିବୁଲୁଛନ୍ତି।

- ଅନୁପମା ସେନାପତି, ଏମ୍‌ବିଏ ଛାତ୍ରୀ




ସକାଳ THE SAKALA
www.sakalaepaper.com

# ରାଷ୍ଟ୍ରପତିଙ୍କ 'ଅସନ୍ତୋଷ'କୁ ନେଇ ମୋଦୀ-ମମତା ମୁହାଁମୁହିଁ

କୋଲକାତା, ୭।୩: ପଶ୍ଚିମ ବଙ୍ଗରେ ସାନ୍ତାଳୀ ଭାଷା ସମ୍ମିଳନୀ ସ୍ଥାନ ପରିବର୍ତ୍ତନକୁ ନେଇ ରାଷ୍ଟ୍ରପତିଙ୍କ ଅସନ୍ତୋଷ ରାଜ୍ୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ବିନା କାରଣରେ ସ୍ଥାନ ପରିବର୍ତ୍ତନ ଏବଂ ତାଙ୍କ ସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁପସ୍ଥିତି ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କ୍ଷୋଭ ପ୍ରକାଶ କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟ ସରକାରର ତୀବ୍ର ସାଲୋଚନା କରି କହିଛନ୍ତି ଯେ ରାଷ୍ଟ୍ରପତିଙ୍କୁ ଅପମାନ କରି ସରକାର ସମସ୍ତ

## ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି ମମତା ସରକାର: ପ୍ରଧାନମନ୍ତ୍ରୀ
## ବିଜେପି କଥାରେ ରାଷ୍ଟ୍ରପତି ରାଜନୀତି କରୁଛନ୍ତି: ମମତା

ସୀମା ଅତିକ୍ରମ କରିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବିଜେପି ରାଷ୍ଟ୍ରପତିଙ୍କୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଛି ବୋଲି ଅଭିଯୋଗ କରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ସାନ୍ଥାଳୀ ଭାଷା ସମ୍ମିଳନୀ ଆଜି ବିଧାନ ନଗରରେ ହେବାର ଥିଲା । ମାତ୍ର ଜନଗହଳି ଏବଂ ନିରାପତ୍ତା ଚିନ୍ତା ଦର୍ଶାଇ ପଶ୍ଚିମ ବଙ୍ଗ ସରକାର ଏହାକୁ ଗୋସାଇପୁରରେ ଆୟୋଜନ କରାଇଥିଲେ । ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇଥିଲେ । କିନ୍ତୁ ସ୍ଥାନ ପରିବର୍ତ୍ତନ ନେଇ ସେ ଭୀଷଣ ବିରକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ ଯେ 'ସମ୍ମିଳନୀ ବିଧାନନଗରରେ ହୋଇଥିଲେ କିଛି ଅସୁବିଧା



ହୋଇନଥାଆନ୍ତା । କିନ୍ତୁ ସେଠାରୁ ବହୁ ଦୂରରେ ସମ୍ମିଳନୀ ଆୟୋଜନ କରାଯାଇଥିବାରୁ ଲୋକେ ଆସିପାରିନଥିଲେ । ବୋଧହୁଏ ପ୍ରଶାସନ ଭାବିଥିବ ଯେ ଏଠାରେ ସମ୍ମିଳନୀ ହେଲେ କେହି ଆସିପାରିବେ ନାହିଁ ଏବଂ ରାଷ୍ଟ୍ରପତି ଆସି ଫେରିଯିବେ । ରାଷ୍ଟ୍ରପତିଙ୍କର କାର୍ଯ୍ୟକ୍ରମ ହେଲେ ସେଥିରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ବି ରହିବା କଥା । କିନ୍ତୁ ମୁଖ୍ୟମନ୍ତ୍ରୀ ମାଡମ୍ ଆସିଲେ ନାହିଁ । ମୁଁ ବି ବେଙ୍ଗଲ ଝିଅ, ଏବଂ ମୋତେ ବେଙ୍ଗଲ ଆସିବାକୁ ଅନୁମତି ନାହିଁ । ମମତା ହେଉଛନ୍ତି ମୋର ସାନ ଭଉଣୀ । ମୋ ଉପରେ ସେ ରାଗିଛନ୍ତି ବୋଧହୁଏ ।'

ରାଷ୍ଟ୍ରପତି ଏଭଳି କ୍ଷୋଭ ପ୍ରକାଶ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମମତା ସରକାର ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ 'ପଶ୍ଚିମ ବଙ୍ଗ ସରକାର ସମସ୍ତ ସୀମା ପାର କରିଛି । ରାଷ୍ଟ୍ରପତିଙ୍କ ପ୍ରତି ଏଭଳି ବ୍ୟବହାର ଦେଶବାସୀଙ୍କୁ ମର୍ମାହତ କରିଛି । ଏହା ଲଜ୍ଜାଜନକ ଓ ଦୁର୍ଭାଗ୍ୟଜନକ ମଧ୍ୟ । ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ପାଇଁ ରାଜ୍ୟ ସରକାର ଦାୟୀ । ରାଷ୍ଟ୍ରପତିଙ୍କ ଅଫିସ ହେଉଛି ରାଜନୀତିରୁ ଊର୍ଦ୍ଧ୍ୱରେ ଏବଂ ଏହାର ସମ୍ମାନ କରାଯିବା ଉଚିତ । ଆଶା କରାଯାଉଛି ଯେ ଉଭୟ ରାଜ୍ୟ ସରକାର ଏବଂ ଟିଏମ୍‌ସିର ସଦ୍‌ବୁଦ୍ଧି ଉଦୟ ହେବ ।'

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ବିଜେପି କଥାରେ ପଡ଼ି ରାଷ୍ଟ୍ରପତି ରାଜନୀତି କରୁଛନ୍ତି । ସେ ସାମ୍ବାଦିକମାନଙ୍କୁ କହିଛନ୍ତି, 'ବିଜେପି ଏତେ ତଳକୁ ଖସିଯାଇଛି ଯେ ରାଜ୍ୟକୁ ବଦନାମ କରିବା ଲାଗି ଏହା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବ୍ୟବହାର କରୁଛି ।' ରାଷ୍ଟ୍ରପତିଙ୍କ ସମ୍ମିଳନୀରେ ସେ ଅନୁପସ୍ଥିତ ରହିବା ସଂପର୍କରେ ପ୍ରଶ୍ନର ଉତ୍ତର ଦେଇ ମମତା କହିଲେ ଯେ ଏହା ତାଙ୍କ ପାଇଁ ସର୍ବଦା ସମ୍ଭବ ନୁହେଁ । ବିଶେଷ କରି ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆଦୌ ନୁହେଁ । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସେ କହିଲେ, 'ଯଦି ଆପଣ ବର୍ଷକୁ ଥରେ ଆସିବେ, ମୁଁ ଆପଣଙ୍କୁ ସ୍ୱାଗତ କରିବା ଲାଗି ଉପସ୍ଥିତ ରହିବି । ଯଦି ଆପଣ ନିର୍ବାଚନ ସମୟରେ ଆସିବେ, ମୁଁ ଆପଣଙ୍କ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସମ୍ଭବ ହେବନାହିଁ । କାରଣ ମୁଁ ଲୋକମାନଙ୍କ ଅଧିକାର ପାଇଁ ଲଢ଼ିବାରେ ବ୍ୟସ୍ତ ଅଛି ।'

# ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବ ଟିଏମ୍‌ସି

କୋଲକାତା, ୭।୩(ଏଜେନ୍ସି): ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧର ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି । ବିରୋଧୀ



ଦଳଗୁଡ଼ିକ ମଧ୍ୟରେ ଏକତା ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଟିଏମ୍‌ସି ତରଫରୁ କୁହାଯାଇଛି । ଦଳର ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶ କ୍ରମେ, ଟିଏମ୍‌ସି ନିଜର ସମସ୍ତ ୨୮ ଜଣ ଲୋକସଭା ସାଂସଦଙ୍କୁ ହ୍ୱିପ୍ ଜାରି ଜାରି କରିଛି । ଆସନ୍ତା ସୋମବାର ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଓ ଭୋଟ୍ ଗ୍ରହଣ ସମୟରେ ସାଂସଦଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି । କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ବାଚସ୍ପତି ଓମ୍ ବିର୍ଲା ଗୃହ ପରିଚାଳନାରେ ପକ୍ଷପାତିତା ପ୍ରଦର୍ଶନ କରୁଛନ୍ତି । ୧୧୮ ଜଣ ସାଂସଦ ଏହି ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ଦେଇଛନ୍ତି । ଏହି ପ୍ରସ୍ତାବକୁ ଆଗତ କରିବା ପାଇଁ ଅତିକମ୍‌ରେ ୫୦ ଜଣ ସାଂସଦଙ୍କ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ସୋମବାର ଯଦି ୫୦ ଜଣ ସଦସ୍ୟ ସମର୍ଥନ ଦିଅନ୍ତି, ତେବେ ଆଲୋଚନା ଆରମ୍ଭ ହେବ । ଅନ୍ୟପଟେ ଏନ୍‌ଡିଏ ମେଣ୍ଟ ମଧ୍ୟ ନିଜର ସାଂସଦଙ୍କୁ ସୋମବାର ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ ଜାରି କରିଛି । ଏନ୍‌ଡିଏର ସଂଖ୍ୟା ଗରିଷ୍ଠତା ଥିବାରୁ, ଏହି ପ୍ରସ୍ତାବ ପାରିତ ହେବାର ସମ୍ଭାବନା କମ୍ ରହିଛି ।

# ଓଲିଙ୍କୁ ହରାଇ ପ୍ରଧାନମନ୍ତ୍ରୀ ଦୌଡ଼ରେ ବାଲେନ

କାଠମାଣ୍ଡୁ, ୭।୩(ଏଜେନ୍ସି): ନେପାଳ ସଂସଦ ନିର୍ବାଚନରେ ରାପର୍‌ରୁ ରାଜନେତା ପାଲଟିଥିବା ବାଲେନ୍ଦ୍ର (ବାଲେନ) ଶାହା ଏବଂ ତାଙ୍କ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସ୍‌ପି) ଏକ ବଡ଼ ରାଜନୈତିକ ବିପ୍ଳବ ସୃଷ୍ଟି କରିବା ସହ ଐତିହାସିକ ବିଜୟ ହାସଲର ନିକଟତର ହୋଇଛି । ବାଲେନ ଝାପା-୫ ନିର୍ବାଚନ ମଣ୍ଡଳୀର ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ପ୍ରାୟ ୪୯, ୬୧୪ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ନିର୍ବାଚନ କମିସନଙ୍କ ତଥ୍ୟ ଅନୁଯାୟୀ, ଆରଏସ୍‌ପି ବହୁମତ ଆଡ଼କୁ ଅଗ୍ରସର ହେଉଛି । ଦଳ ୧୬୫ଟି ଆସନ ମଧ୍ୟରୁ ବହୁ ସଂଖ୍ୟକ ଆସନ ଜିତିବା ସହ ବାକି ଅନେକ ଆସନରେ ଆଗୁଆ ରହିଛି । ଗତବର୍ଷ ସେପ୍ଟେମ୍ବର ମାସରେ ହୋଇଥିବା ଭୟଙ୍କର ଜେନ୍- ଜେଡ୍ ଆନ୍ଦୋଳନ ପରେ ନେପାଳରେ ପ୍ରଥମଥର ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି । ଦୁର୍ନୀତି, ପରିବାରବାଦର ଅନ୍ତ ଓ ସୁଶାସନ ଦାବି କରି ଦେଶର ଯୁବ ପିଢ଼ି ପାରମ୍ପରିକ ରାଜନୈତିକ ଦଳକୁ ପ୍ରତ୍ୟାଖ୍ୟାନ କରି ଆରଏସ୍‌ପି ସପକ୍ଷରେ ଭୋଟ ଦେଇଛନ୍ତି । ଏବେ ବାଲେନ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦୃଢ଼ ଦାବିଦାର ବୋଲି ବିବେଚନା କରାଯାଉଛି । ବାଲେନ ଓ ଆରଏସ୍‌ପିର



ଏହି ବିଜୟ ନେପାଳ ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି । ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳ ଜନସାଧରଣ ଓ ବାଲେନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ବାଲେନ ୨୦୨୨ରେ କାଠମାଣ୍ଡୁର ମେୟର ଭାବେ ନିର୍ବାଚିତ ହୋଇଥିଲେ । ସେ ଜଣେ ରାପର, ଷ୍ଟ୍ରକଚରାଲ ଇଞ୍ଜିନିୟର ଓ ରାଜନେତା । ସେ ଆରଏସ୍‌ପି ପକ୍ଷରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ସେ ଏବେ ଯୁବପିଢ଼ିର ଜଣେ ଆଦର୍ଶ ଭାବେ ଉଭା ହୋଇଛନ୍ତି ।




# ମଧ୍ୟପ୍ରାଚ୍ୟରୁ ୪୦ଟି ବିମାନରେ ଫେରିଲେ ୭, ୨୦୫ ଭାରତୀୟ

ନୂଆଦିଲ୍ଲୀ, ୭।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବାରୁ ହଜାର ହଜାର ସଂଖ୍ୟାରେ ଭାରତୀୟ ନାଗରିକ ସ୍ୱଦେଶ ଫେରୁଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରୁଛନ୍ତି । ଏହିକ୍ରମରେ ମାର୍ଚ୍ଚ ୫ରେ ଇଣ୍ଡିଆନ ଏୟାରଲାଇନ୍ସର ୪୦ଟି ବିମାନରେ ମୋଟ୍ ୭, ୨୦୫ ଜଣ ଭରାତୀୟ ସ୍ୱଦେଶ ଫେରିଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି । ଏଥିସହ ମୋଟ୍ ୧୪, ୯୯୨ ଭାରତୀୟ ଏହି ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଯୁଦ୍ଧକୁ ଦୃଷ୍ଟିରେ ରଖି ଗୁରୁବାର ଭାରତୀୟ ଘରୋଇ ଏୟାରଲାଇନ୍ସର ମୋଟ୍ ୨୮୧ଟି ବିମାନକୁ ବାତିଲ କରାଯାଇଥିଲା । ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇ ଏହି ପଦକ୍ଷେପ ନିଆଯାଇଛି । ଯୁଦ୍ଧ ପରିସ୍ଥିତିର ଫାଇଦା ଉଠାଇ ଏୟାରଲାଇନ୍ସଗୁଡ଼ିକ ଯେପରି ଅତ୍ୟଧିକ ଟିକଟ ଦର ଆଦାୟ ନ କରିନ୍ତି, ସେଥିପ୍ରତି ସରକାର କଡ଼ା ନଜର ରଖିଛନ୍ତି । ଯୁଦ୍ଧ ଯୋଗୁଁ ବିମାନ ଚଳାଚଳ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି ।

# ବିଶ୍ୱ ବାଣିଜ୍ୟ

● ପାକିସ୍ତାନରେ ତୈଳ ସଙ୍କଟ

## ପେଟ୍ରୋଲ-ଡିଜେଲ ମୂଲ୍ୟ ୫୫ ଟଙ୍କା ମହଙ୍ଗା

ଇସଲାମାବାଦ, ୭।୩ (ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପାଇଁ ଇରାନ ଯୁଦ୍ଧ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି । ଏହା ପାକିସ୍ତାନ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଦେଶର ଘୋର ତୈଳ ସଙ୍କଟ ସୃଷ୍ଟି ହୋଇଛି । ଅନେକ ପେଟ୍ରୋଲ ପମ୍ପରେ ତୈଳ ଶେଷ ହୋଇଯାଇଛି । ଆଉ କିଛି ଟାଙ୍କିରେ ତୈଳ ନେବା ପାଇଁ ନାହିଁ ନ ଥିବା ଭିଡ଼ ଲାଗି ରହିଛି । ଲୋକେ ୫ରୁ ୬ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଛନ୍ତି । ଏପରି ସମୟରେ ପାକିସ୍ତାନ ସରକାର ତୈଳ ମୂଲ୍ୟରେ ବଡ଼ ବୃଦ୍ଧି କରିଛନ୍ତି । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୨୦ ପ୍ରତିଶତ ତଥା ୫୫ ଟଙ୍କା (ପାକିସ୍ତାନୀ ମୁଦ୍ରା) ଲେଖାଏଁ ବଢ଼ାଇ ଦେଇଛନ୍ତି । ଏହି ବୃଦ୍ଧି ସହିତ ପାକିସ୍ତାନରେ ପେଟ୍ରୋଲ ଲିଟର ପିଛା ମୂଲ୍ୟ ୩୩୫.୮୬ ଟଙ୍କା ଏବଂ ଡିଜେଲ ୩୨୧.୧୭ ଟଙ୍କାରେ ପହଞ୍ଚି ଯାଇଛି । ଏହାକୁ ନେଇ ପାକିସ୍ତାନ ସରକାର କହିଛନ୍ତି ଯେ ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ସେଥିପାଇଁ ଏହି ଦର ବୃଦ୍ଧି ନିଷ୍ପତ୍ତି ନିଆଯାଇଛି ।

ଏବେ ପାକିସ୍ତାନର କରାଚି, ଲାହୋର ଭଳି ସହରରେ ଥିବା ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଆଗାମୀ ଦିନରେ ତୈଳ ସମସ୍ୟା ସୃଷ୍ଟି ହେବା ଆଶଙ୍କା କରି ପେଟ୍ରୋଲ ନେବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି ।

**ଭାରତ ଉପରେ ଇରାନ ଯୁଦ୍ଧ ପ୍ରଭାବ**

# ୬ ବର୍ଷରେ ସର୍ବାଧିକ ବଢ଼ିଲା ଘରୋଇ ଗ୍ୟାସ ମୂଲ୍ୟ

ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଘମାଘୋଟ ଲଢ଼େଇ ଚାଲିଛି । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁଁ ସମଗ୍ର ବିଶ୍ୱ ଉପରେ ପ୍ରଭାବ ପଡ଼ିଛି । ଅଶୋଧିତ ତୈଳଠାରୁ ନେଇ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି । ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ଷ୍ଟ୍ରେଟ୍‌କୁ ଇରାନ ବନ୍ଦ କରିଦେଇଛି । ଆମେରିକା, ଇସ୍ରାଏଲ,ୟୁରୋପ ଏବଂ ଏହାର ସହଯୋଗୀ ଦେଶର ଜାହାଜ ଗୁଡ଼ିକୁ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯାଉ ନାହିଁ । ଭାରତକୁ କଟକଣାରୁ ବାଦ୍ ଦିଆଯାଇ ଥିଲେ ମଧ୍ୟ ଆଂଶିକ ପ୍ରଭାବ ପଡ଼ିଛି ।

ଭାରତରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଲୋକଙ୍କ ଉପରେ ମହଙ୍ଗା ମାଡ଼ ଆରମ୍ଭ ହୋଇଯାଇଛି । ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ଏବଂ ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟରେ ବଡ଼ ବୃଦ୍ଧି ହୋଇଛି । ଆଜିଠାରୁ




ବାଣିଜ୍ୟିକ ଗ୍ୟାସ ମୂଲ୍ୟ ୧୧୫ ଟଙ୍କା, ଘରୋଇ ଗ୍ୟାସ ୬୦ ଟଙ୍କା ବୃଦ୍ଧି

ନୂଆ ମୂଲ୍ୟ ଲାଗୁ ହୋଇଛି । ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ଏକାଥରକେ ୬୦ ଟଙ୍କା ବୃଦ୍ଧି ପାଇଥିବାବେଳେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୧୧୪.୫ ଟଙ୍କା ବଢ଼ିଛି । ଗତ ୧୧ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଘରୋଇ ଗ୍ୟାସ ମୂଲ୍ୟ ବଢ଼ା ଯାଇଛି । ମାତ୍ର ଗତ ୬ ବର୍ଷରେ ପ୍ରଥମ ଥର ପାଇଁ ଥରକେ ଏତେ ଟଙ୍କା ବୃଦ୍ଧି ହୋଇଛି । ଏହି ସମୟ ମଧ୍ୟରେ ଘରୋଇ ସିଲିଣ୍ଡର ମୂଲ୍ୟ ୫୦ ଟଙ୍କାରୁ ଅଧିକ ବଢ଼ି ନ ଥିଲା । ଶେଷଥର ପାଇଁ ୨୦୨୦ ଫେବୃଆରୀରେ ମୂଲ୍ୟ ୧୪୪.୫ ଟଙ୍କା ବୃଦ୍ଧି ପାଇଥିଲା । ସେହିପରି ଗତ ବର୍ଷ ଏପ୍ରିଲ ୮ରେ ମୂଲ୍ୟ ୫୦ ଟଙ୍କା ବଢ଼ି ଥିଲା । ମଧ୍ୟପ୍ରାଚ୍ୟରେ ଦେଖା ଦେଇଥିବା ସଙ୍କଟ ଯୋଗୁଁ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି । ସେଥିପାଇଁ ଲୋକଙ୍କୁ ତୈଳ କମ୍ପାନୀ ଗୁଡ଼ିକ ଏଭଳି ଝଟ୍‌କା ଦେଇଛନ୍ତି ।

ଅନ୍ୟପଟେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ବର୍ଷରେ ଦ୍ୱିତୀୟ ଥର ପାଇଁ ଶହେ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ୪ ମାସରେ ପଞ୍ଚମ ଥର ପାଇଁ ଏହାର ମୂଲ୍ୟ ବଢ଼ିଛି । ଏହି ସମୟରେ ମୂଲ୍ୟ ୩୦୨.୫ ଟଙ୍କା ବଢ଼ିଲାଣି । ପ୍ରାୟ ତିନି ବର୍ଷ ପରେ ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟ ୨ ହଜାର ଟଙ୍କା ଟପି ଯାଇଛି । ଏବେ ଦିଲ୍ଲୀରେ ୧୪.୨ କେଜିର ଏଲ୍‌ପିଜି ଗ୍ୟାସ ୯୧୩ ଟଙ୍କାରେ ମିଳିବ । ପୂର୍ବରୁ ଏହା ୮୫୩ ଟଙ୍କା ଥିଲା । ସେହିପରି ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ୧୧୫ ଟଙ୍କା ବୃଦ୍ଧି ପାଇ ୧୮୮୩ ଟଙ୍କାରେ ପହଞ୍ଚି ଯାଇଛି । ଚେନ୍ନଇରେ ଏହା ୨୦୪୩.୫୦ ଟଙ୍କା, ପାଟନାରେ ୨୧୫୦ ଏବଂ ରାୟପୁରରେ ୨୧୦୯.୫୦ ଟଙ୍କାରେ ପହଞ୍ଚି ଯାଇଛି । ଯୁଦ୍ଧ ଯୋଗୁଁ ଦେଶରେ ଗ୍ୟାସ ସଙ୍କଟ ସୃଷ୍ଟି ହେବା ନେଇ ଆଶା ପ୍ରକାଶ କରାଯାଉଥିବାବେଳେ ସରକାର ଏଲ୍‌ପିଜି ମୂଲ୍ୟ ବୃଦ୍ଧି କରିଛନ୍ତି । ଏହା ପୂର୍ବରୁ ଗତ ୫ ତାରିଖରେ ସରକାର ଏମର୍ଜେନ୍ସି କ୍ଷମତା ପ୍ରୟୋଗ କରି ଦେଶର ସବୁ ଅଏଲ ରିଫାଇନାରୀ କମ୍ପାନୀଙ୍କୁ ଏଲ୍‌ପିଜି ଉତ୍ପାଦନ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଶୁଳ୍କ ହ୍ରାସ ପାଇଁ ବନ୍ଦରଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ପଶ୍ଚିମ ଏସିଆରେ ଉତ୍ତେଜନା ପାଇଁ ଭାରତ ଛାଡୁଥିବା ଅନେକ କାର୍ଗୋ ସିପ୍‌ମେଣ୍ଟ ଫସି ରହିଛି । ଏହି ସ୍ଥିତିକୁ ଦେଖି ସରକାର ଦେଶର ୧୨ଟି ବଡ଼ ବନ୍ଦରକୁ ଶୁଳ୍କ ହ୍ରାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫସି ରହିଥିବା ଏଭଳି ସିପ୍‌ମେଣ୍ଟକୁ



ଶୁଳ୍କରେ ରିଆତି କିମ୍ବା ହ୍ରାସ କରିବା ପାଇଁ କୁହାଯାଇଛି । ପୋର୍ଟ ସିପିଂ ମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ଏ ନେଇ ବନ୍ଦର ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଷ୍ଟୋରେଜ ଭଡ଼ା, କୋଲ୍ଡ କଣ୍ଟେନର ଚାର୍ଜ ଏବଂ ଜାହାଜ ପରିବର୍ତ୍ତନ ସମ୍ବନ୍ଧିତ ଖର୍ଚ୍ଚ ଭଳି ଶୁଳ୍କ ହ୍ରାସ କିମ୍ବା ଛାଡ଼ କରିବାର ଅନୁରୋଧ ଉପରେ ବିଚାର କରାଯାଉ । ଉଦ୍ୟୋଗ ଜଗତ ସମ୍ବନ୍ଧିତ ଲୋକଙ୍କ ସହ ଭର୍ଚୁଆଲ ବୈଠକ ପରେ ସିପିଂ ସଚିବ ବିଜୟ କୁମାର କହିଥିଲେ ଯେ ବର୍ତ୍ତମାନର ସ୍ଥିତିରେ ବନ୍ଦରଗୁଡ଼ିକ ଅତିରିକ୍ତ ଶୁଳ୍କ ମଧ୍ୟ ନ ଲଗାନ୍ତୁ । ସେହିପରି ପଶ୍ଚିମ ଏସିଆକୁ ଯାଉଥିବା କାର୍ଗୋକୁ ଏବେ ଟ୍ରାନ୍ସସିପମେଣ୍ଟ କାର୍ଗୋ ଭାବେ ଷ୍ଟୋର କରିବାକୁ ଅନୁମତି ଦିଆଯାଇପାରେ । ଆବଶ୍ୟକ ପଡ଼ିଲେ ଅତିରିକ୍ତ ଭଣ୍ଡାର କ୍ଷମତା ମଧ୍ୟ ଉପଲବ୍ଧ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି । ଖୁବଶୀଘ୍ର ଖରାପ ହେଉଥିବା ସାମଗ୍ରୀକୁ ପ୍ରାଥମିକତା ଦେବାକୁ ଉଲ୍ଲେଖ ରହିଛି ।

# ଛତୁ ଚାଷ ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୭।୩ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିଜର ଗୋଷ୍ଠୀ ଜୀବିକା କାର୍ଯ୍ୟକ୍ରମ ଅଧୀନରେ ମହିଳାଙ୍କୁ ସଶକ୍ତ କରିବା ଜାରି ରଖିଛି । ଏହି କ୍ରମରେ ରାୟଗଡ଼ାର କାଶୀପୁର ବ୍ଲକ ସୁଙ୍ଗେର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ



ଡୁମେରପାଦର ଏବଂ ପୋରଲୋଙ୍ଗ ଗ୍ରାମରେ ପ୍ରଥମ ଛତୁ ଚାଷ ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିଛି । ଏଠାକାର ୭୦ ଜଣ ମହିଳା ହିତାଧିକାରୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ଛତୁ ଚାଷ, ଶଯ୍ୟା ପ୍ରସ୍ତୁତି, ପରିଷ୍କାର ପରିଚ୍ଛନ୍ନତା ଏବଂ ଛତୁ ଅମଳ ବୃଦ୍ଧିକୁ ବଜାୟ ରଖିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଦୁଇଟି ଛତୁ ଶଯ୍ୟା ପ୍ରଦାନ କରାଯାଇଥିଲା । ଏଥିରୁ ପ୍ରତି ଥରରେ ଶଯ୍ୟା ପିଛା ୧ରୁ ୧.୨ କେଜି ପର୍ଯ୍ୟନ୍ତ ଛତୁ ଉତ୍ପାଦନ ହୋଇଥିଲା । ଏହା ଛତୁ ଚାଷକୁ ସ୍ୱଳ୍ପ ଖର୍ଚ୍ଚ, ଅଧିକ ଆୟ ଉଦ୍ୟୋଗ ଭାବରେ ପ୍ରମାଣିତ କରିଥିଲା । ଶଯ୍ୟା ପିଛା ୨୫ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଛତୁ କେଜି ପିଛା ୧୫୦ ଟଙ୍କାରେ ବିକ୍ରି ହୋଇଥିଲା ।

ଏହି ଯୋଜନା ମହିଳାମାନଙ୍କ ଆର୍ଥିକ ଭାଗିଦାରୀ ବୃଦ୍ଧି, କ୍ଷୁଦ୍ର ଉଦ୍ୟୋଗ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଏବଂ ଆୟରେ ଉନ୍ନତି ଆଣିବାର ସମ୍ଭାବନା ପ୍ରଦର୍ଶନ କରିଛି । ବେଦାନ୍ତ ଆଲୁମିନିୟମ ଏକ ବର୍ଷ ମଧ୍ୟରେ ଏହାକୁ ୧୦,୦୦୦ ଶଯ୍ୟାକୁ ବୃଦ୍ଧି କରିବାକୁ ଯୋଜନା କରିଛି । ବେଦାନ୍ତର ଏହି ପଦକ୍ଷେପକୁ ଡୁମେରପାଦର ଗାଁର ହିତାଧିକାରୀ ଯଶୋଦା ନାୟକ, ପୋରଲୋଙ୍ଗର ହିରାମଣୀ ନାୟକ ଖୁବ ପ୍ରଶଂସା କରିଛନ୍ତି ।

# ସୁନ୍ଦର ପିଚାଇଙ୍କ ଦରମା ୬,୩୬୧ କୋଟିକୁ ବୃଦ୍ଧି

ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ଟେକ୍ ଜଗତରୁ ବଡ଼ ଖବର ଆସିଛି । ଏହା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଗୁଗଲର ମୂଳ କମ୍ପାନୀ ଆଲ୍‌ଫେବେଟ ନିଜ ସିଇଓ ସୁନ୍ଦର ପିଚାଇଙ୍କ ଦରମା ବଢ଼ାଇ ଦେଇଛି । ଏବେ ସୁନ୍ଦରଙ୍କୁ ୬୯୨ ନିୟୁତ ଡଲାର ତଥା ୬ ହଜାର ୩୬୧ କୋଟି ୭୯ ଲକ୍ଷ ୮୨ ହଜାର ଟଙ୍କାର ମିଳିବ । ତିନି ବର୍ଷ ପାଇଁ ଏହି ଅର୍ଥ ପ୍ରଦାନ କରାଯାଇଛି । ଏହି ଐତିହାସିକ ପେ-ପ୍ୟାକେଜ ପାଇଁ ସେ ବିଶ୍ୱରେ ସର୍ବାଧିକ ଆୟ କରୁଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କ ମଧ୍ୟରୁ ଅନ୍ୟତମ ହୋଇଛନ୍ତି । ପିଚାଇଙ୍କୁ ମିଳିବାକୁ ଥିବା ଏହି ପ୍ୟାକେଜର ସିଂହ ଭାଗ ୧୨୬ ନିୟୁତ ଡଲାର ପରଫରମାନ୍ସ ଷ୍ଟକ ୟୁନିଟ (ପିଏସୟୁ) ରୁ ଆସୁଛି । ଏହାକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ଏହି ପିଏସୟୁ ଏସଆଣ୍ଡପି-୧୦୦ ତୁଳନାରେ ଆଲଫାବେଟର 'ଟୋଟାଲ ସେୟାର ହୋଲ୍ଡର ରିଟର୍ଣ୍ଣ' ସହ ଜଡ଼ିତ । ଯଦି ପ୍ରଦର୍ଶନ ଭଲ ରହେ ତେବେ ଏହାର ମୂଲ୍ୟ ଦ୍ୱିଗୁଣିତ ହୋଇ ୨୫୨ ନିୟୁତ ଡଲାରରେ ପହଞ୍ଚିଯିବ । ଆଉ ପ୍ରଦର୍ଶନ ଭଲ ନ ରହିଲେ କିଛି ବି ମିଳିନପାରେ ।

ରିପୋର୍ଟ ଅନୁଯାୟୀ, ପିଚାଇ ୬ ବର୍ଷ ପର୍ଯ୍ୟନ୍ତ ମାସକୁ ୮୪ ନିୟୁତ ଡଲାରର ରେଷ୍ଟ୍ରିକ୍‌ଟେଡ ଷ୍ଟକ୍



ଭେଷ୍ଟିଂ ପାଇବେ । ଏହା ବ୍ୟତୀତ ୨ ନିୟୁତ ଡଲାରର ବାର୍ଷିକ ଦରମା ପାଇବେ । ସେହିପରି ୩୫୦ ନିୟୁତ ଡଲାର ପର୍ଯ୍ୟନ୍ତ ନୂଆ ଷ୍ଟକ ଇନ୍‌ସେନଟିଭ୍ ମଧ୍ୟ ଅଣାଯାଇଛି । ସୁନ୍ଦର ପିଚାଇ ୱାଇମୋ ଷ୍ଟକରୁ ୧୩୦ ନିୟୁତ ଡଲାର, ୱିଙ୍ଗ ଆଭିଏସନ ସେୟାରରୁ ୪୫ ନିୟୁତ ଡଲାର ମଧ୍ୟ ପାଇବେ । ଏହା ଧାର୍ଯ୍ୟ ମୂଲ୍ୟରୁ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବାକୁ ସକ୍ଷମ । ଏହି ପ୍ୟାକେଜ ପିଚାଇଙ୍କ ନେତୃତ୍ୱ ପ୍ରତି କମ୍ପାନୀର ମନୋବଳକୁ ଦର୍ଶାଉଛି ବୋଲି ଆଲ୍‌ଫାବେଟ ପକ୍ଷରୁ କୁହାଯାଇଛି ।

# ଏସି ଓ ଏଆଇ ପରିଚାଳିତ ଭିଆର୍‌ଭି ଆଲ୍‌ଫା ସିରିଜ ଆଣିଲା ଡାଇକିନ୍ ଇଣ୍ଡିଆ

ଭୁବନେଶ୍ୱର, ୭।୩ (ସମିସ): ଡାଇକିନ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ, ଜାପାନର ୧୦୦% ସହଯୋଗୀ କମ୍ପାନୀ ଡାଇକିନ୍ ଏୟାରକଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନିଜର ନୂଆ ଉତ୍ପାଦର ବଜାର ପ୍ରବେଶ କରିଛି । ନୂଆ ଉତ୍ପାଦ ମଧ୍ୟରେ ରୁମ୍ ଏୟାର କଣ୍ଡିସନରସ୍ (ଆରଏ) ସିରିଜ ସାମିଲ ରହିଛି । ଏହା ବିଇଇ ୨୦୨୬ ଷ୍ଟାର ରେଟିଂ ମାନକ ଅନୁପାଳନ କରୁଛି । ସେହିପରି ଭିଆର୍‌ଭି ଆଲ୍‌ଫା ସିରିଜର ମଧ୍ୟ ବଜାର ପ୍ରବେଶ କରାଯାଇଛି । ଡାଇକିନ୍ ଇଣ୍ଡିଆର ୨୦୨୬ ରୁମ୍ ଏସି ବର୍ଗରେ 'ଦାୟିତ୍ୱସମ୍ପନ୍ନ କୁଲିଂ' ବ୍ୟବସ୍ଥା ରହିଛି । ଏଥିରେ ପେଟେଣ୍ଟ ହୋଇଥିବା ଷ୍ଟ୍ରିମର୍ ଡିସଚାର୍ଜ ଏବଂ ସ୍ୱିଙ୍ଗ୍ କମ୍ପ୍ରେସର ଫର୍ ଏକ୍ସେପସନାଲ ଏୟାର ପ୍ୟୁରିଫିକେସନ ଆଣ୍ଡ ଏଫିସିଏନ୍ସି, ସ୍ମାର୍ଟ ଆଇଓଟି କନେକ୍ଟିଭିଟି, ଡିଏନଏନଏସ୍ ଆଣ୍ଟି-କରୋଜନ୍ କୋଟିଂ ଏବଂ ହାଇ-ଆମ୍ବିଏଣ୍ଟ ପରଫରମାନ୍ସ ଟେକ୍‌ନୋଲୋଜି ରହିଛି । ଏଗୁଡିକ ୫୪ ଡିଗ୍ରୀ ସେଲ୍‌ସିୟସରେ ବି ଶୀତଳତା ପ୍ରଦାନ କରୁଛି । ଭିଆର୍‌ଭି ଆଲ୍‌ଫା ସିରିଜରେ କାର୍ଯ୍ୟଦକ୍ଷତାକୁ ସର୍ବାଧିକ କରିବା ସହିତ ସ୍ୱାଚ୍ଛନ୍ଦ୍ୟକୁ ବଜାୟ ରଖିବା ନିମନ୍ତେ ବୁଦ୍ଧିମାନ ଏଆଇ ଭିତ୍ତିକ କଣ୍ଟ୍ରୋଲ ସଫ୍ଟୱେର ସହିତ ଉନ୍ନତ ହାର୍ଡୱେର ଲଗାଯାଇଛି । ଡାଇକିନ ଇଣ୍ଡିଆର ଚେୟାରମ୍ୟାନ ଓ ଏମ୍‌ଡି



କନୱଲଜିତ୍ ଜାୱା କହିଥିଲେ ଯେ ଭାରତୀୟ ଗ୍ରାହକଙ୍କୁ ସର୍ବାଧୁନିକ, ଭରସାଯୋଗ୍ୟ ଏବଂ ଶକ୍ତି ସଞ୍ଚୟକାରୀ ଉତ୍ପାଦଗୁଡିକ ଯୋଗାଇଦେବା କ୍ଷେତ୍ରରେ ଡାଇକିନ୍ ନିଜର ପ୍ରତିବଦ୍ଧତାରେ ଅଟଳ ରହିଛି । ଅନ୍ୟପଟେ ବ୍ୟୟ ବୃଦ୍ଧି ପାଉଥିବାରୁ ଚଳିତ ମାସରେ ଡାଇକିନ ନିଜ ଉତ୍ପାଦର ମୂଲ୍ୟ ୭-୧୨% ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି ।

